## ସଂକ୍ଷେପରେ

### କେଶପୁର ଛକରେ ପୁଣି ଚୋରି

ଖଲ୍ଲିକୋଟ,୧୪।୬(ପ୍ରଶାନ୍ତ କୁମାର ମିଶ୍ର)

ଖଲ୍ଲିକୋଟ ଥାନା ଅନ୍ତର୍ଗତ କେଶପୁର ଛକରେ ଗୁରୁବାର ବିଳମ୍ବିତ ରାତିରେ ସିରିଜ ଚୋରି ହୋଇଛି। ଦୁର୍ବୃତ୍ତମାନେ ଗୋଟିଏ ବାଇକ ସହ ଦୋକାନ ତାଲା ଭାଙ୍ଗି ବିଭିନ୍ନ ଜିନିଷ ସହ ଟଙ୍କା ନେଇଯାଇଥିବା ଅଭିଯୋଗ ହୋଇଛି। ଦୁର୍ବୃତ୍ତ କେଶପୁର ଛକରେ ଥିବା ଚୁଡ଼ି ଦୋକାନ ତାଲା ଭାଙ୍ଗି ଚୁଡ଼ି, ଡିଓଡ୍ରେଣ୍ଟ, ଓ ଡ୍ର ଖୋଲି ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ସହ ଟଙ୍କା ନେଇ ଯାଇଥିଲେ। ଦୋକାନ ମାଲିକ ଏନ୍. ପ୍ରସନ୍ନ ଦୋରା ଶୁକ୍ରବାର ସକାଳେ ଆସିବା ବେଳକୁ ଦୋକାନ ତାଲା ଭଙ୍ଗାଯାଇଥିବା ଓ ଭିତରେ ଜିନିଷପତ୍ର ବିଛାଡ଼ି ହୋଇ ପଡିଥିବା ଦେଖିଥିଲେ। ସେହିପରି ଏକ ସେଲୁନ ତାଲା ଭାଙ୍ଗି ଦୁର୍ବୃତ୍ତ ଡ୍ର'ରୁ ଟଙ୍କା ନେଇଯାଇଥିବା ମାଲିକ ଅଭିମନ୍ୟୁ ବାରିକ ଅଭିଯୋଗ କରିଛନ୍ତି। ସେହିପରି ଦୁର୍ବୃତ୍ତ ଏକ ଅଟୋ ଗ୍ୟାରେଜର ତାଲା ଭାଙ୍ଗି ଦେଇଥିବା ଅଭିଯୋଗ କରିଛନ୍ତି ଗ୍ୟାରେଜ ମାଲିକ ଭାସ୍କର ତରେଇ। ଏହି ସିରିଜ ଚୋରି ସମ୍ପର୍କରେ ଖଲ୍ଲିକୋଟ ଥାନାରେ ଅଭିଯୋଗ ହେବା ପରେ ଥାନାଧିକାରୀ ନରେଶ କୁମାର ସାହୁଙ୍କ ନିର୍ଦ୍ଦେଶକ୍ରମେ ଏସଆଇ ଦେବାଶିଷ ମିଶ୍ର, ଏଏସଆଇ ପ୍ରଭାକର ଘଣ୍ଟ ଘଟଣାସ୍ଥଳରେ ପହଞ୍ଚି ବିଭିନ୍ନ ଦିଗକୁ ନେଇ ତଦନ୍ତ କରିଥିଲେ। ଦୁର୍ବୃତ୍ତମାନେ ସିସି କ୍ୟାମେରା ତାର କାଟିବା ସହ ହାଡ଼ଡିସ୍କ ବାହାରେ ଫିଙ୍ଗି ଦେଇଥିଲେ। ସେମାନଙ୍କ ଦୁଇଟି ଗାମୁଛା ପଡିଥିଲା। ପୋଲିସ ସନ୍ଧାନୀ କୁକୁର ଆଣି ତଦନ୍ତ କରୁଛି। ଚୋରି ନେଇ ବ୍ୟବସାୟୀମାନେ ଭୟଭୀତ ଥିବାବେଳେ ପୋଲିସ ପାଟ୍ରୋଲିଂ ବ୍ୟବସ୍ଥାକୁ କଡାକଡି କରିବା ପାଇଁ ସ୍ଥାନୀୟ ବାସିନ୍ଦା ଦାବି କରିଛନ୍ତି।

### ନାଗେଟି ଜଙ୍ଗଲରୁ ବନ୍ଧୁକ, ୧୪୩୦ କେଜି ଗଞ୍ଜେଇ ଜବତ

**ସର୍ଚ୍ଚ ଅପରେଶନ ଜୋରଦାର, ବାହାର ରାଜ୍ୟର ମାଫିଆ ସମ୍ପୃକ୍ତି ସନ୍ଦେହ**

ଦାରିଙ୍ଗବାଡି,୧୪।୬(ଅରୁଣ ସାହୁ)

ଦାରିଙ୍ଗବାଡି ବ୍ଲକ ବ୍ରାହ୍ମଣୀଗାଁ ପୋଲିସ ନାଗେଟି ଜଙ୍ଗଲରୁ ଏକ ଦେଶୀବନ୍ଧୁକ ସମେତ ୧୪୩୦ କେଜି ଗଞ୍ଜେଇ ଜବତ କରିଛି। ଏହି ମାମଲାରେ ପୋଲିସ କାହାରିକୁ ଗିରଫ କରିବାରେ ସଫଳ ହୋଇ ନ ଥିବା ବେଳେ ଏହି ଚୋରା କାରବାରରେ ରାଜ୍ୟ ବାହାର ମାଫିଆଙ୍କ ସମ୍ପୃକ୍ତି ରହିଥିବା ପ୍ରାଥମିକ ତଦନ୍ତରୁ ଜଣାପଡିଛି ବୋଲି ଏକ ଖବରଦାତା ସମ୍ମିଳନୀରେ ଥାନାଧିକାରୀ ଚିରଞ୍ଜୀବୀ ବେହେରା ସୂଚନା ଦେଇଛନ୍ତି। ନାଗେଟି ଜଙ୍ଗଲ ମାଓବାଦୀପ୍ରବଣ ଅଞ୍ଚଳ ହୋଇଥିବା ଯୋଗୁ ମାଫିଆମାନେ ନିରାପଦ ସ୍ଥାନ ଭାବେ ଗଞ୍ଜେଇ ସେଠାରେ ରଖିଥିବା ପୋଲିସ ଅନୁମାନ କରୁଛି। ପ୍ରକାଶ ଯେ ଦାରିଙ୍ଗବାଡି ସମେତ ଜିଲାର ବିଭିନ୍ନ ସ୍ଥାନରେ ରାଜ୍ୟ ବାହାରୁ ଯୁବକମାନେ ଆସି ଘରଭଡା ନେଇ ରହିବା ସହ ଗାଁ ଗାଁ ବୁଲନ୍ତି ଲୋକଙ୍କୁ ସାମଗ୍ରୀ ବିକ୍ରି କରିବା ଆଳରେ ସେମାନେ ଗଞ୍ଜେଇ କିଣି ଆଣିବା ସହ ଜଙ୍ଗଲରେ ଗୋଟିଏ ସ୍ଥାନରେ ଜମା କରି ସେଠାରୁ ରାଜ୍ୟ ବାହାରକୁ ପଠାଇବା ବ୍ୟବସ୍ଥା କରୁଥିଲେ। ପୋଲିସ ଖବର ପାଇ ଉକ୍ତ ସ୍ଥାନରେ ଚଢ଼ାଉ କରି ଗଞ୍ଜେଇ ଜବତ କରିବାରେ ସଫଳ ହୋଇଛି। ଏବେ ରାଜ୍ୟ ବାହାର ବୁଲାବିକାଳି ପୋଲିସ ଭୟରେ ଉକ୍ତ ଅଞ୍ଚଳ ଛାଡି ଚାଲିଯାଇଥିବା ପୋଲିସ କହିଛି।

### ସାପ କାମୁଡ଼ାରେ ମତ୍ସ୍ୟଜୀବୀ ଆହତ

ରୂପସା, ୧୪।୬(ବାଞ୍ଛାନିଧି ଦେ)

ବାଲେଶ୍ୱର ଜିଲା ସିଂଲା ଥାନା ଅଧୀନ ଗନ୍ଧିଆ ଗ୍ରାମରେ ଜଣେ ମତ୍ସ୍ୟଜୀବୀ ନଦୀକୁ ମାଛ ମାରିବାକୁ ଯିବା ଲାଗି ଷ୍ଟୋର ରୁମରୁ ଜାଲ ବାହାର କରୁଥିବା ବେଳେ ସାପ କାମୁଡାରେ ଗୁରୁତର ଆହତ ହୋଇଛନ୍ତି। ଗୁରୁତର ଯୁବକ ହେଲେ ମୟୂରଭଞ୍ଜ ଜିଲା ବୈଁଶିଙ୍ଗା ଥାନା ଝିଲିବଣି ଗ୍ରାମର କୁଶ ସିଂ। ଗନ୍ଧିଆ ଗ୍ରାମର ବୋଟ ମାଲିକ ଶୁଭଙ୍କର ମଣ୍ଡଳଙ୍କ ନିକଟରେ କୁଶ ସିଂ ମତ୍ସ୍ୟଜୀବୀ ଭାବେ କାର୍ଯ୍ୟ କରୁଥିଲେ। ଶୁକ୍ରବାର ନଦୀକୁ ମାଛ ଧରିବାକୁ ଯିବା ପାଇଁ କୁଶ ମାଲିକଙ୍କ ଷ୍ଟୋର ରୁମ୍‌ରୁ ଜାଲ ବାହାର କରୁଥିବା ବେଳେ ଏକ ୫ଫୁଟ ଲମ୍ବର ଚନ୍ଦ୍ରନାଗ ତାଙ୍କୁ ଦଂଶନ କରିଥିଲା। ଶୁଭଙ୍କର ଆହତ ମତ୍ସ୍ୟଜୀବୀଙ୍କୁ ସଙ୍ଗେ ସଙ୍ଗେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ମାତ୍ର ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ସ୍ନେକ ହେଲ୍ପଲାଇନର ସଦସ୍ୟ ସୁବ୍ରତ କୁମାର ପ୍ରଧାନ ପହଞ୍ଚି ଦେଢଘଣ୍ଟାର ଅକ୍ଲାନ୍ତ ପରିଶ୍ରମ କରିବା ପରେ ସାପକୁ ଉଦ୍ଧାର କରିବାରେ ସକ୍ଷମ ହୋଇଥିଲେ।

# ମୁଗ, ଚିନାବାଦାମ ମଣ୍ଡି ଖୋଲାଯାଇ ନ ଥିବାରୁ ଅସନ୍ତୋଷ

- କାଲିମେଳା ବ୍ଲକ୍
- ମଣ୍ଡିରେ ପଡ଼ି ରହିଛି ଚିନାବାଦାମ
- ବର୍ଷାଋତୁ ଆସୁଥିବାରୁ ନଷ୍ଟହେବା ସମ୍ଭାବନା

ମାଲକାନଗିରି,୧୪।୬(ଦୁର୍ଯ୍ୟୋଧନ ପାତ୍ର)


ଜମା ହୋଇ ରହିଥିବା ଚିନା ବାଦାମ ।

ମାଲକାନଗିରି ଜିଲାରେ ଚଳିତ ବର୍ଷ ବାଦାମ ଓ ମୁଗ ମଣ୍ଡି ଖୋଲାଯାଇ ଚାଷୀଙ୍କଠାରୁ ଖରିଦ କରାଯିବ ବୋଲି ଗତ ମାସ ୨୯ରେ ତାରିଖ ଧାର୍ଯ୍ୟ କରାଯାଇଥିଲା। ସାଧାରଣ ନିର୍ବାଚନ ଭୋଟ ଗଣତି ଥିବାରୁ ଏବଂ ଆଚରଣ ବିଧି ଉଠି ନ ଥିବାରୁ ଏହାକୁ ସ୍ଥଗିତ ରଖାଯାଇଥିଲା। ତେବେ ପରବର୍ତ୍ତୀ ମୁହୂର୍ତ୍ତରେ ଚଳିତ ମାସ ୧୦ ତାରିଖରେ ଜିଲାପାଳ ସଚିନ ପାୱାର ସଦର ନିୟନ୍ତ୍ରିତ ବଜାର କମିଟି ପରିସରରେ ମଣ୍ଡି ଉଦ୍‌ଘାଟନ କରିଥିଲେ। ଉକ୍ତ ଦିନ ମାଲକାନଗିରି ଅଞ୍ଚଳର ଅନେକ ଚାଷୀ ସେମାନଙ୍କ ମୁଗ ଏବଂ ବାଦାମ ବିକ୍ରି କରିଥିଲେ। କିନ୍ତୁ କାଲିମେଳା ବ୍ଲକ୍ ଅଞ୍ଚଳରେ ମଣ୍ଡି ଖୋଲାଯାଇ ନ ଥିବାରୁ ଚାଷୀମାନେ ସେମାନଙ୍କ ମୁଗ ଓ ବାଦାମ ମଣ୍ଡିରେ ବିକ୍ରିକରି ପାରୁନାହାନ୍ତି। ଫଳରେ ଶହ ଶହ କୁଇଣ୍ଟାଲ ବାଦାମ ଓ ମୁଗ ମଣ୍ଡିରେ ପଡ଼ି ରହିଛି।

ଚଳିତ ବର୍ଷ ନିୟନ୍ତ୍ରିତ ବଜାର କମିଟି ତରଫରୁ ପ୍ରତି ସୋମବାର ଏମ୍‌ପିଭି ୮୧, ମଙ୍ଗଳବାର କାଲିମେଳା, ବୁଧବାର ଏମ୍‌ଭି ୭୯ ଭେଜାଙ୍ଗିବାଡା, ଗୁରୁବାର କୋରୁକୋଣ୍ଡା, ଶୁକ୍ରବାର ପୁସୁଗୁଡା ଓ ଚିତ୍ରଙ୍ଗପାଲୀ ମଣ୍ଡିରେ ଚାଷୀମାନେ ସେମାନଙ୍କ ମୁଗ ଓ ଚିନାବାଦାମ ବିକ୍ରି କରିପାରିବେ ବୋଲି ଦିନ ଧାର୍ଯ୍ୟ କରାଯାଇଥିଲା। ଏହାକୁ ଦୃଷ୍ଟିରେ ରଖି ଚାଷୀମାନେ ନିଜ ନିଜ ଉତ୍ପାଦିତ ଶସ୍ୟ ମଣ୍ଡିରେ ଗଚ୍ଛିତ ରଖିଛନ୍ତି। ପ୍ରାୟ ୧ ସପ୍ତାହ ହେଲା କାଲିମେଳା ବ୍ଲକ୍ ସଦର ମହକୁମା ମଣ୍ଡିରେ ୪୦୦ କୁଇଣ୍ଟାଲ ଚିନାବାଦାମ ପଡ଼ି ରହିଥିଲା ବେଳେ ଚାଷୀମାନେ ଜଗି ରହିଛନ୍ତି। ଏହି ମଣ୍ଡିରେ ଚାଷୀ ନିରଞ୍ଜନ ମିସ୍ତ୍ରି, କୃଷ୍ଣପଦ ବେପାରୀ, ଜଗା ପଡିଆମିଙ୍କ ଭଳି ଅନେକ ଚାଷୀ ଅଭିଯୋଗ କରିଛନ୍ତି ।

ଏ ସମ୍ପର୍କରେ କାଲିମେଳା ଲ୍ୟାମ୍ପସ୍ ପରିଚାଳକ କହିଛନ୍ତି, ରାଜ୍ୟରେ ନୂତନ ସରକାର ଗଠନ ହୋଇଥିବା ବେଳେ ନିର୍ଦ୍ଦେଶ ଆସିବା କ୍ଷଣି ଖୁବ୍ ଶୀଘ୍ର ମଣ୍ଡି ଖୋଲାଯାଇ ଚାଷୀଙ୍କଠାରୁ ମୁଗ ଓ ଚିନାବାଦାମ କିଣାଯିବ। ଏଠାରେ ଚାଷୀ ମାନେ ଅଭିଯୋଗ କରିଛନ୍ତି, ଏହା ଯଦି ସତ୍ୟ ତେବେ ଗତ ୧୦ ତାରିଖରେ ମାଲକାନଗିରିଠାରେ କିପରି ମଣ୍ଡିର ଶୁଭାରମ୍ଭ କରାଯାଇଥିଲା ବୋଲି ପ୍ରଶ୍ନ କରିଛନ୍ତି ।

## ଦେଶୀ ବନ୍ଧୁକ ଜବତ, ଜଣେ ଗିରଫ

ବାଲିମେଳା,୧୪।୬ (ଶିବଦତ୍ତ ସାହୁ)


ଗିରଫ ସାହେବ ଚାଲାଣ ।

ଦେଶୀ ବନ୍ଧୁକ ରଖିବା ଅଭିଯୋଗରେ ମାଲକାନଗିରି ଜିଲା ଓର୍କେଲ ପୋଲିସ କୁଡୁମୁଲୁଗୁମ୍ମା ଫାଣ୍ଡି ଅଞ୍ଚଳରୁ ଜଣକୁ ଶୁକ୍ରବାର ଗିରଫ କରିଛି। ସେ ହେଲେ କୁଡୁମୁଲୁଗୁମ୍ମା ପଞ୍ଚାୟତ ପରଜାପଦର ଗ୍ରାମରେ ରହୁଥିବା ସାହେବ ଚାଲାଣ। ସାହେବ ନିଜ ଘରେ ବେଆଇନ ଭାବେ ରଖିଥିବା ଦେଶୀ ବନ୍ଧୁକ ଧରି ପରାଜାପଦର ଗ୍ରାମ ନିକଟ ଜଙ୍ଗଲକୁ ଶିକାର କରିବାକୁ ଯାଉଥିଲେ। ସେହି ସମୟରେ ଉକ୍ତ ଅଞ୍ଚଳରେ ଏସ୍‌ଆଇ ମିଳନ ବରିହାଙ୍କ ନେତୃତ୍ୱରେ ପୋଲିସର ଏକ ଟିମ୍ ପାଟ୍ରୋଲିଂ କରୁଥିବା ସମୟରେ ଦୃଷ୍ଟି ପଡିଥିଲା। ଘଟଣା ସ୍ଥଳରେ ପୋଲିସ ତାଙ୍କୁ ଅଟକାଇ ବନ୍ଧୁକ ସମ୍ପର୍କରେ ପଚାର ଉଚୁରା କରିଥିଲା। ସେ ବେଆଇନ ଭାବେ ଏକ ଦେଶୀ ବନ୍ଧୁକ ରଖିଥିବା ନେଇ ପୋଲିସ ପାଖରେ ସ୍ୱୀକାର କରିଥିଲେ। ପୋଲିସ ସାହେବଙ୍କଠାରୁ ଦେଶୀ ବନ୍ଧୁକ ଜବତ କରିବା ସହ ତାଙ୍କୁ ଗିରଫ କରିଥିଲା। ଏ ନେଇ ନଂ.୨୧୮/୨୪ ରେ ଗିରଫ କରି ତାଙ୍କୁ ଶୁକ୍ରବାର କୋର୍ଟ ଚାଲାଣ କରାଯାଇଛି।

## ଗହଣା ଲୁଟ ଘଟଣାରେ ୨ କୋର୍ଟ ଚାଲାଣ

ଚିକିଟି,୧୪।୬(ପ୍ରକାଶ ଚନ୍ଦ୍ର ସାହୁ)

- ୨ଜଣଙ୍କୁ ପଠାଗଲା ବାଳସୁଧାର ଗୃହ
- ୨୦୦ ଗ୍ରାମ ସୁନା, ୧ ମୋବାଇଲ ଜବତ

ବ୍ରହ୍ମପୁର ପୋଲିସ ଜିଲା କେ.ନୂଆଗାଁ ଥାନା ଅନ୍ତର୍ଗତ ଚିକିଟି ମୁଖ୍ୟ ବଜାରରେ ରହୁଥିବା ବ୍ୟବସାୟୀ ପି. ନାଗେଶ୍ୱର ପାତ୍ରଙ୍କ ଘରୁ ଗତ ଫେବୃଆରୀ ୨୫ ମଧ୍ୟରାତ୍ରିରେ ଲକ୍ଷାଧିକ ଟଙ୍କାର ସୁନା ଅଳଙ୍କାର ଲୁଟ ହୋଇଥିଲା। ଏହି ଘଟଣାରେ ପୋଲିସ ଶୁକ୍ରବାରୁ ୨ଜଣଙ୍କୁ ବ୍ରହ୍ମପୁରସ୍ଥିତ ବାଳସୁଧାର ଗୃହକୁ ପଠାଇଥିବା ବେଳେ ଉଭାର ଗ୍ରାମର ବାଇଲଡୁ ସେଠୀ ଓ ସୁଶାନ୍ତ ବେହେରାଙ୍କୁ ପାତ୍ରପୁର କୋର୍ଟକୁ ଚାଲାଣ କରାଯାଇଛି। ସେଠାରେ ଜାମିନ ନାମଞ୍ଜୁର ହେବାରୁ ବ୍ରହ୍ମପୁର ଜେଲ ହାଜତକୁ ପଠାଯାଇଥିବା କେ.ନୂଆଗାଁ ଥାନାଧିକାରୀ କିଶୋର କୁମାର ସାମଲ କହିଛନ୍ତି। ଅଭିଯୁକ୍ତମାନଙ୍କ ଠାରୁ ୨୦୦ ଗ୍ରାମ ସୁନା, ୧ ଲକ୍ଷ ଟଙ୍କାର ଦାମୀ ମୋବାଇଲ ଜବତ ହୋଇଛି। ଅଭିଯୁକ୍ତଙ୍କ ବୟାନ ପ୍ରକାରରେ ପି.ନାଗେଶ୍ୱରଙ୍କ ଘରେ ଜଣେ ନାବାଳକ ଦୀର୍ଘବର୍ଷ ଧରି ଘରେ ରହି କାମକରି ଆସୁଥିଲେ। ସେ କୌଶଳକ୍ରମେ ଆଲମାରିର ଏକ ଚାବି ଚୋରି କରି ପାଖରେ ରଖିଥିଲେ। ଫେବୃୟାରୀ ୨୫ ତାରିଖ ରାତିରେ ସୁଶାନ୍ତ ଓ ଅନ୍ୟଜଣେ ନାବାଳକ ଛାତ ଉପରେ ଯାଇ ଘରେ ଭିତରେ ଥିବା ଆଲମାରି ଭିତରେ ରଖିଥିବା ସୁନା ଗହଣା କାଢି ସୁଶାନ୍ତଙ୍କ ଜରିଆରେ ଚିକିଟିପେଣ୍ଠ ସ୍ଥିତ ଶ୍ମଶାନରେ ଲୁଚାଇଦେଇଥିଲେ। ୨୭ ତାରିଖ ସକାଳେ ସେମାନେ ସବୁତକ ସୁନା ବାଇଲଡୁ ସେଠୀଙ୍କୁ ଦେଇଥିଲେ। ବାଇଲଡୁ ଦୀର୍ଘବର୍ଷ ହେଲା ତାମିଲନାଡୁର ତ୍ରିପୁରା ଅଞ୍ଚଳରେ କଣ୍ଟ୍ରାକ୍ଟର ଲେବର ଭାବେ କାମକରି ଆସୁଛନ୍ତି। ୩ ଜଣ ଯାଇ ଏକ ସୁନା ଦୋକାନରେ ୨୦୦ ଗ୍ରାମ ସୁନା ବିକି ୧୦ ଲକ୍ଷ ୫୯ ହଜାର ଟଙ୍କା ଆଣି ୧ ଲକ୍ଷ ଟଙ୍କାର ମୋବାଇଲ କିଣିଥିଲେ। ତେବେ ସୁନା ଲୁଟ ହୋଇଥିବା ନେଇ ୨୬ ତାରିଖରେ ନାଗେଶ୍ୱରଙ୍କ ଅଭିଯୋଗ କ୍ରମେ କେ ନୂଆଗାଁ ଥାନାରେ କେସ ନଂ ୫୮/୨୦୨୪ ରେ ଚୋରି ମାମଲା ରୁଜୁ ହୋଇଥିଲା। ଅଭିଯୋଗକୁ ଭିତ୍ତିକରି ସେହି ଦିନଠାରୁ କେ.ନୂଆଗାଁ ଥାନାଧିକାରୀ କିଶୋର କୁମାର ସାମଲ ଖୋଳତାଡ କରିବା ସହିତ ଏକ ଟିମ୍ ଗଠନ କରି ତାମିଲନାଡୁ ଯାଇ ସେଠାକାର ତାମିଲ ପୋଲିସ ସହାୟତାରେ ଘଟଣାସ୍ଥଳରେ ପହଞ୍ଚି ୨୦୦ ଗ୍ରାମ ସୁନା ଜବତ କରିବା ସହ ଅଭିଯୁକ୍ତଙ୍କଠାରୁ ଏକ ଦାମୀ ମୋବାଇଲ ଜବତ କରିଛି।

## କୋୟା ସମାଜର ଜିଲାସ୍ତରୀୟ ବାର୍ଷିକ ଉତ୍ସବ ପାଳିତ



ବାର୍ଷିକ ଉତ୍ସବରେ ଯୋଗଦେଇଥିବା କର୍ମକର୍ତ୍ତା ।

ମାଲକାନଗିର, ୧୪।୬(ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ସଦର ବ୍ଲକ୍ ଗୋରାଖୁଣ୍ଟା ପଞ୍ଚାୟତ ସଦର ମହକୁମାଠାରେ ଓଡ଼ିଶା କୋୟା ସମାଜ, ମାଲକାନଗିରି ତରଫରୁ ଜିଲାସ୍ତରୀୟ ବାର୍ଷିକ ଉତ୍ସବ(ବାଡସାତ୍ ପାଣ୍ଡୁମ୍) ପାଳିତ ହୋଇଯାଇଛି। ପ୍ରତିବର୍ଷ ଏହି ପର୍ବ ଜିଲାସ୍ତରରେ ପାଳନ କରାଯାଉଥିବା ବେଳେ ଚଳିତ ବର୍ଷ ଗୋରାଖୁଣ୍ଟାଠାରେ ସମାଜ ତରଫରୁ କୋୟା ଜନଜାତିଙ୍କ ସାମାଜିକ, ଶିକ୍ଷା, ସ୍ୱାସ୍ଥ୍ୟ ଓ ଅର୍ଥନୀତିରେ ସଂସ୍କାର ସହ ସାମ୍ବିଧାନିକ ଅଧିକାର ବିଷୟରେ ସମାଜର ଜନସାଧାରଣଙ୍କୁ ସଚେତନ ଓ ଅବଗତ କରିବା ନିମନ୍ତେ ଏହି ଜନଜାତିର ପାରମ୍ପରିକ ବାଡସାତ୍ ପାଣ୍ଡୁମ୍ ପର୍ବ ପାଳନ ହୋଇଥାଏ । ଏହି କାର୍ଯ୍ୟକ୍ରମରେ ଓଡ଼ିଶା କୋୟା ସମାଜ ମାଲକାନଗିରିର ସଭାପତି ମୁକୁନ୍ଦ ପଡିଆମିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିବା ବେଳେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲାପଳ ସୋମନାଥ ପ୍ରଧାନ, ମୁଖ୍ୟବକ୍ତା ଛତିଶଗଡ଼ କେବିକେଏସ୍ ସଂସ୍ଥାପକ ଅଶ୍ୱିନୀ କାଙ୍ଗେ, ଜାତୀୟ କୋୟା ଭାଷା ଗବେଷକ ନେହେରୁ ମାଡ଼ି, ଜିଲା ଆଦିବାସୀ ସମାଜ ମହାସଂଘ ସଭାପତି ବନ୍ଧୁ ମୁଦୁଲି, ପରଜା ସମାଜ ସଭାପତି ଘେନୁ ମୁଦୁଲି, ଡିଡାଇ ସମାଜ ସଭାପତି ବଂଶୀଧର ମୁଦୁଲି, ଦୁରୁଆ ସମାଜ ସଭାପତି ମଙ୍ଗଳା ଦୁରୁଆ ଓ ଚିତ୍ରକୋଣ୍ଡା ବିଧାୟକ ମଙ୍ଗୁ ଖିଲ ପ୍ରମୁଖ ଉପସ୍ଥିତ ରହିଥିଲେ। ପରେ ପରେ ଆଦିବାସୀ ମହାସଂଘ ଓଡ଼ିଶା ରାଜ୍ୟ ସଂଯୋଜକ ତଥା ଓକିଲ ରବୀନ୍ଦ୍ରନାଥ ମାଡ଼ିଙ୍କ ଅଧ୍ୟକ୍ଷତାରେ ଦ୍ୱିତୀୟ ଅଧିବେଶନ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ରେଭେନ୍‌ଶା କଲେଜ ଅଧ୍ୟାପକ ଡ. ସଞ୍ଜୟ କୁମାର ମାଡକାମି ଯୋଗଦେଇଥିବା ବେଳେ ମୁଖ୍ୟବକ୍ତା ବୈପାରିଗୁଡ଼ା ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁକାନ୍ତ କାର୍ତ୍ତାମୀ, ଓଡ଼ିଶା କୋୟା ସମାଜ କୋଷାଧ୍ୟକ୍ଷ ଦେବା ସୋଡ଼ି, ଜିଲା ସହ ଶ୍ରମ ଅଧିକାରୀ ପୂର୍ଣ୍ଣିମା ଡୁରୁକା, ବାଲିମେଳା ମହାବିଦ୍ୟାଳୟ ଅଧ୍ୟାପକ ଚନ୍ଦ୍ରଶେଖର ମାଡି ପ୍ରମୁଖ ଯୋଗଦେଇଥିଲେ। କୋୟା ଜନଜାତିଙ୍କ ଭାଷା, ସଂସ୍କୃତି, ଚାଲିଚଳଣ, ପାରମ୍ପରିକ ନୃତ୍ୟ, ଗୀତ, ସାମାଜିକ ଚାଲିଚଳଣ ଇତ୍ୟାଦି ସମ୍ବନ୍ଧରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଏଥିସହ କୋୟା ଜନଜାତିଙ୍କ ବିଭିନ୍ନ ସମସ୍ୟା ଓ ଏହାର ସମାଧାନ କିପରି କରାଯିବ ସେଥି ନିମନ୍ତେ କେନ୍ଦ୍ର ଓ ରାଜ୍ୟ ସରକାର ତୁରନ୍ତ ପଦକ୍ଷେପ ନେବେ ସେ ସମ୍ବନ୍ଧରେ ଆଲୋଚନା ହୋଇଥିଲା।

ମାଲକାନଗିରି ଜିଲାରେ ଲୋକସଂଖ୍ୟା ତୁଳନାରେ ୩୬ ପ୍ରତିଶତ କୋୟା ସମ୍ପ୍ରଦାୟ ଜନଜାତି ଶହ ଶହ ବର୍ଷ ଧରି ବସବାସ କରୁଛନ୍ତି। ଦେଶ ସ୍ୱାଧୀନ ହେବାର ୭୫ ବର୍ଷ ବିତିଯାଇଥିଲେ ମଧ୍ୟ ଏହି ଜନଜାତିଙ୍କ ବିଶେଷ କିଛି ଉନ୍ନତି ହୋଇନାହିଁ। ଜଳ, ଜମି, ଜଙ୍ଗଲ ଏମାନଙ୍କ ପିତୃ ପୁରୁଷ ଅମଳରୁ ଅଧିକାର ହୋଇ ଆସୁଥିଲେ ମଧ୍ୟ ଏମାନଙ୍କୁ ଆଜି ପର୍ଯ୍ୟନ୍ତ ଜଙ୍ଗଲ ଜମି ପଟ୍ଟା, ଘରଡିହ ପଟ୍ଟା ଓ ଚାଷ ଜମି ପଟ୍ଟା ଅନେକ ଅଞ୍ଚଳରେ ପ୍ରଦାନ କରାଯାଇ ନ ଥିବାରୁ ଏହାର ତୁରନ୍ତ ବ୍ୟବସ୍ଥା କରିବା ପାଇଁ ଦାବି କରାଯାଇଥିଲା। ସେହିପରି ଶିକ୍ଷିତ ଯୁବତୀ ଯୁବକମାନଙ୍କୁ ଜିଲାଭିତ୍ତିକ ନିଯୁକ୍ତି, ଛାତ୍ରୀଛାତ୍ରମାନଙ୍କ ପ୍ରାରମ୍ଭରୁ ଉଚ୍ଚ ଶିକ୍ଷା ପର୍ଯ୍ୟନ୍ତ ସମସ୍ତ ଦାୟିତ୍ୱ ସରକାର ନେବା ପାଇଁ ଦାବି କରାଯାଇଥିଲା। ଆଗାମୀ ଦିନରେ ଏହି ଜନଜାତିଙ୍କ ପ୍ରତି ଉଭୟ ସରକାର ଦୃଷ୍ଟି ନ ଦେଲେ ଭବିଷ୍ୟତରେ ଏକ ବିରାଟ ଜନ ଆନ୍ଦୋଳନ ମୁଣ୍ଡ ଟେକିବ ବୋଲି ସଂଗଠନର କର୍ମକର୍ତ୍ତାମାନେ ସରକାରଙ୍କୁ ଚେତାବନୀ ଦେଇଛନ୍ତି ।

## ସ୍ୱାସ୍ଥ୍ୟକେନ୍ଦ୍ରରେ ଭାଜପା କର୍ମକର୍ତ୍ତାଙ୍କ ଅନୁଧ୍ୟାନ

ଦାରିଙ୍ଗବାଡ଼ି, ୧୪।୬ (ଅରୁଣ ସାହୁ )

ଭାଜପା କର୍ମକର୍ତ୍ତାମାନେ ଶୁକ୍ରବାର ଦାରିଙ୍ଗବାଡ଼ି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ସେଠାରେ ଲାଗିରହିଥିବା ଏକାଧିକ ଅବ୍ୟବସ୍ଥା ସମ୍ପର୍କରେ ପଚାରି ବୁଝିଛନ୍ତି। ସ୍ୱାସ୍ଥ୍ୟକେନ୍ଦ୍ରର ଅନ୍ତଃ ବିଭାଗରେ ରହିଥିବା ରୋଗୀ ଓ ତାଙ୍କ ସମ୍ପର୍କୀୟମାନଙ୍କୁ ଭେଟି ସେମାନଙ୍କ ଅସୁବିଧା ସମ୍ପର୍କରେ ଅବଗତ ହୋଇଥିଲେ। ବିଶେଷ କରି ଦାରିଙ୍ଗବାଡି ଅଞ୍ଚଳରେ ବିଦ୍ୟୁତ୍ ବିଭ୍ରାଟ ଯୋଗୁ ଅନ୍ଧାରରେ ରୋଗୀଙ୍କୁ ଚିକିତ୍ସା କରାଯାଇଥିବା ଅଭିଯୋଗ ହୋଇଛି। ଜେନେରେଟର ଥାଇ ମଧ୍ୟ କୌଣସି କାରଣରୁ ତାକୁ ବ୍ୟବହାର କରାଯାଉ ନ ଥିବା ସହ ୪ଟି ଶୌଚାଳୟକୁ ରୋଗୀଙ୍କ ପାଇଁ ଖୋଲା ଯାଇଥିବା ବେଳେ ୮ ଶୌଚାଳୟରେ ତାଲା ଝୁଲୁଥିବା ସମ୍ପର୍କରେ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଡାକ୍ତର ଜାକେଶ ସାମନ୍ତରାୟଙ୍କୁ ଭେଟି ସମସ୍ୟାର ତୁରନ୍ତ ସମାଧାନ କରାଯିବାକୁ ଦାବି କରିଥିଲେ। ସେହିପରି ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀଙ୍କୁ ଜଳ ଯୋଗାଣ କରାଯାଉ ନ ଥିବାରୁ ଯେଉଁ ସମସ୍ୟା ଦେଖାଯାଉଛି ତା'ର ଶୀଘ୍ର ସମାଧାନ କରାଯିବାକୁ ଦାବି କରାଯାଇଛି। ସ୍ୱାସ୍ଥ୍ୟକେନ୍ଦ୍ରରେ କାର୍ଯ୍ୟରତ ଡାକ୍ତରମାନେ ପାଳି କରି ଡ୍ୟୁଟି କରୁଥିବା ଭାଜପା କର୍ମକର୍ତ୍ତା ଅଭିଯୋଗ କରିଥିଲେ। ଏହି ଟିମ୍‌ରେ ଭାଜପାର ମଣ୍ଡଳ ସଭାପତି ସନ୍ତୋଷ କୁମାର ସାହୁଙ୍କ ସମେତ ଦଳର ଜିଲା ସମ୍ପାଦକ ତଥା ଆଇନଜୀବୀ ହରେନ କୁମାର ସାହୁ, ଓବିସି ମୋର୍ଚ୍ଚା ଜିଲା ସାଧାରଣ ସମ୍ପାଦକ ମିଟୁ ସାହୁ, ଯୁବ ମୋର୍ଚ୍ଚା ସଭାପତି ରୁଦ୍ରନାରାୟଣ ବେହେରାଙ୍କ ସମେତ ଅନ୍ୟମାନେ ସାମିଲ ହୋଇଥିଲେ। ଏ ନେଇ ଡା. ଜାକେଶଙ୍କୁ ପଚାରିବାରୁ ଭାଜପା କର୍ମକର୍ତ୍ତା ଆଣିଥିବା ଅଭିଯୋଗରେ ସତ୍ୟତା ରହିଥିବା ସେ ସ୍ୱୀକାର କରିବା ସହ ତା'ର ସମାଧାନ କରାଯିବାକୁ ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି।

## ନାଳରେ ବୁଡି ନାବାଳକଙ୍କ ମୃତ୍ୟୁ

ବାଲିଗୁଡ଼ା,୧୪।୬ (ସଞ୍ଜୟ କୁମାର ପାଣିଗ୍ରାହୀ)

କନ୍ଧମାଳ ଜିଲା ବାଲିଗୁଡା ଉପଖଣ୍ଡ କ.ନୂଆଗାଁରେ ଥିବା ଏକ ନାଳକୁ ଗାଧୋଇବାକୁ ଯାଇଥିବା ବେଳେ ଭାସ୍କର ସାହୁଙ୍କ ନାବାଳକ ପୁଅ ରାହୁଲ (୧୪) ବୁଡି ଯାଇ ମୃତ୍ୟୁବରଣ କରିଛନ୍ତି। ଅସାବଧାନତାରୁ ଗଭୀର ପାଣିରେ ଗୋଡ଼ ଖସି ଯାଇଥିଲା। ସାଙ୍ଗମାନେ ଘରେ ସୂଚନା ଦେବା ପରେ ପରିବାର ଲୋକେ ଘଟଣା ସ୍ଥଳରେ ପହଞ୍ଚି ଖୋଜାଖୋଜି କରି ନପାଇବାରୁ ସାରଙ୍ଗଗଡ଼ ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ। ଅଗ୍ନିଶମ ବାହିନୀ ଘଟଣା ସ୍ଥଳରେ ପହଞ୍ଚି ଖୋଜାଖୋଜି କରି ରାହୁଲକୁ ଉଦ୍ଧାର କରି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। କ.ନୂଆଗାଁ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପାଇଁ ବାଲିଗୁଡ଼ା ଉପଖଣ୍ଡ ଚିକିତ୍ସାଳୟ ପଠାଇଥିବା ଜଣାପଡିଛି।

## ମାଲକାନଗିରିରେ ରଜ ଉତ୍ସବ ପାଳନ

ମାଲକାନଗିରି,୧୪।୬ (ଦୁର୍ଯ୍ୟୋଧନ ପାତ୍ର)

ରାଜ୍ୟରେ ପହିଲି ରଜ ଶୁକ୍ରବାରଠାରୁ ଆରମ୍ଭ ହୋଇଥିବା ବେଳେ ଆଦିବାସୀ ଅଧ୍ୟୁଷିତ ମାଲକାନଗିରି ଜିଲାରେ ମଧ୍ୟ ଏହି ପର୍ବକୁ ବେଶ୍ ହର୍ଷ ଉଲ୍ଲାସର ସହ ପାଳନ କରିଛନ୍ତି ଲୋକେ। ପହିଲି ରଜ ଅବସରରେ ବିଭିନ୍ନ ସ୍ଥାନରେ ଲୋକେ ଦୋଳିଖେଳି ଓ ବିଭିନ୍ନ ପିଠାପଣା କରି ଏହାକୁ ପାଳନ କରିଛନ୍ତି। ମାଲକାନଗିରି ଜିଲା ସଦର ମହକୁମାସ୍ଥ ଅଲ୍ ଓଡ଼ିଶା ମାର୍ଶାଲ ଆର୍ଟ ଏକାଡେମୀ ଓ ମା' ଗୁରୁକୁଳ ଅନ୍ତେବାସୀ ଓଡ଼ିଆ ପରମ୍ପରାକୁ ବଞ୍ଚାଇବା ପାଇଁ ନିଆରା ଢଙ୍ଗରେ ଏହି ରଜ ଉତ୍ସବ ପାଳିଛନ୍ତି । ରଜରେ ଦୋଳି ଲଗାଇ ଖେଳିବା ସହିତ ଝିଅମାନେ ପୁଚି ଓ ପୁଅମାନେ କବାଡି ପ୍ରତିଯୋଗିତା ସହ ରଜ ଦୋଳି ଗୀତର ତାଳେ ତାଳେ ନୃତ୍ୟ କରିଥିବା ଦେଖିବାକୁ ମିଳିଛି। ଓଡ଼ିଆର ପାରମ୍ପରିକ ପୋଡପିଠା, ମଣ୍ଡାପିଠା, ଆମ୍ବ ଓ ପଣସ ନିଜ ନିଜ ମଧ୍ୟରେ ଖୁଆଇବା ସହ ବେଶ୍ ମଜା ନେଇଛନ୍ତି ଲୋକେ।



## ଜିଲାସ୍ତରୀୟ ବିଶ୍ୱ ରକ୍ତଦାତା ଦିବସ

ମାଲକାନଗିରି,୧୪।୬(ଦୁର୍ଯ୍ୟୋଧନ ପାତ୍ର)



ରକ୍ତଦାତାଙ୍କୁ ସଚେତନ କରିବା ଲାଗି ବାହାରିଥିବା ରାଲି ।

ମାଲକାନଗିରି ଜିଲା ସଦର ମହକୁମା ଜିଲା ରକ୍ତଭଣ୍ଡାର କେନ୍ଦ୍ର ତରଫରୁ ବିଶ୍ୱ ରକ୍ତଦାତା ଦିବସ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲାପାଳ (ସାଧାରଣ) ସୋମନାଥ ପ୍ରଧାନ ମୁଖ୍ୟ ଚିକିତ୍ସାଧିକାରୀଙ୍କ କାର୍ଯ୍ୟାଳୟଠାରେ ସବୁଜ ପତାକା ଦେଖାଇ ଶୋଭାଯାତ୍ରାକୁ ଉଦ୍‌ଘାଟନ କରିଥିଲେ। ଏଥିରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଏବଂ ସାଧାରଣ ସ୍ୱାସ୍ଥ୍ୟ ଅଧିକାରୀ ଡ. ପ୍ରଫୁଲ୍ଲ କୁମାର ନନ୍ଦ ଉପସ୍ଥିତ ଥିଲେ । ରକ୍ତ ଭଣ୍ଡାର ଅଧିକାରୀ ଡା. ସାଗର ବାଲା ସ୍ୱାଗତ ଭାଷଣ ଦେଇଥିଲେ। ଏହି ଶୋଭାଯାତ୍ରା ପୁରୁଣା ଡାକ୍ତରଖାନାଠାରୁ ବାହାରି ଜିଲା ମୁଖ୍ୟ ଚିକିତ୍ସାଳୟରେ ପହଞ୍ଚିଥିଲା। ମୁଖ୍ୟ ଚିକିତ୍ସାଳୟର ୫ମ ମହଲା ସଭାଗୃହରେ ଏକ ସଭା ଆୟୋଜନ କରାଯାଇଥିଲା। ଏଥିରେ ଡ. ନନ୍ଦ ଅଧ୍ୟକ୍ଷତା କରିଥିବା ବେଳେ ଅତିରିକ୍ତ ମୁଖ୍ୟ ଚିକିତ୍ସାଧିକାରୀ ବ୍ରଜ ଦାସ ଯୋଗଦେଇ ଆଜିର ଦିବସର ମହତ୍ତ୍ୱ ଉପରେ ଆଲୋକପାତ କରିଥିଲେ। ସେହିପରି ସ୍ୱତନ୍ତ୍ର ଅତିଥି ଭାବେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ତପନ ନାରାୟଣ ରଥ ଯୋଗଦେଇ ଆଜିର ଦିବସରେ ସମସ୍ତେ ରକ୍ତଦାନକରି କାର୍ଲ ଲାଣ୍ଡଷ୍ଟେନରଙ୍କ ଜନ୍ମଦିବସକୁ ମନେରଖିବା ପାଇଁ ବୁଝାଇଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଅତିରିକ୍ତ ଚିକିତ୍ସାଧିକାରୀ ଡା. ମହମ୍ମଦ ହୁସେନ ୧୮ ବର୍ଷରୁ ଉର୍ଦ୍ଧ୍ୱ ସମସ୍ତ ଯୁବଗୋଷ୍ଠୀ ପ୍ରତ୍ୟେକ ୩ ମାସରେ ଥରେ ସ୍ୱେଚ୍ଛାକୃତ ରକ୍ତଦାନକରି ଆଗକୁ ଆସିବାକୁ ଅନୁରୋଧ କରିଥିଲେ। ପୂର୍ବତନ ବିଧାୟକ ମାନସ ମାଡକାମି, ସୀମା ସୁରକ୍ଷା ବାହିନୀ ଡେପୁଟି କମାଣ୍ଡାଣ୍ଟ ଶୋଭନ ମହାପାତ୍ର, ଅସ୍ଥିଶଲ୍ୟ ଡାକ୍ତର ସପନ ଡିଣ୍ଡା, ଡା. ସୁବ୍ରତ ଜେନା ରକ୍ତଦାତାମାନଙ୍କୁ ଉତ୍ସାହିତ କରିଥିଲେ । ପ୍ରାରମ୍ଭରେ ଜଗନ୍ନାଥଙ୍କ ପ୍ରତିମୂର୍ତ୍ତିରେ ପ୍ରଦୀପ ପ୍ରଜ୍ୱଳନ ଓ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ଅନେକ ଥର ରକ୍ତଦାନ କରିଥିବା ସରୋଜ କୁମାର ପାତ୍ର, ପ୍ରଦୀପ କୁମାର ମହାପାତ୍ର, ଅନୁପ ସୁନାନୀ, କେ. ଇଲାଙ୍କୁ ଏଠାରେ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ସତ୍ୟନାରାୟଣ ଆବାସିକ ମହାବିଦ୍ୟାଳୟ ଛାତ୍ର, ସ୍ଥାନୀୟ ଏଏନ୍‌ଏମ୍ କଲେଜ ଛାତ୍ର ଓ ଯୁବ ରେଡ୍‌କ୍ରସ୍ ଉପସ୍ଥିତ ଥିଲେ।

କାର୍ଯ୍ୟକ୍ରମରେ ୧୫୦ରୁ ଉର୍ଦ୍ଧ୍ୱ ରକ୍ତଦାତା ଉପସ୍ଥିତ ଥିଲେ। ଏନ୍. ସୁବର୍ଣ୍ଣା, ଆରତୀ ସ୍ୱାଇଁ, ସୁନୀଲ ରାଏ, ମୋହନ ଖେମୁଣ୍ଡୁ, ସଚିନ ଗୌଡ଼ ଓ ସିଲୁ ପ୍ରହରାଜ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ । ଏହି ଅବସରରେ ୧୦ ରକ୍ତ ନମୁନା ସଂଗ୍ରହ କରାଯାଇଥିଲା। ଶେଷରେ ହରିବନ୍ଧୁ ଦେଶୀନାୟକ, ପରିଚାଳକ, ରାଷ୍ଟ୍ରୀୟ ବାଲ୍ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଯୁବ ରେଡ୍‌କ୍ରସ୍ ସମ୍ପାଦକ ଡ. ରଞ୍ଜନ କୁମାର ସ୍ୱାଇଁ ପରିଚାଳନା କରିଥିଲେ।

# ସ୍ୱାସ୍ଥ୍ୟ ବିଭାଗର ଅବହେଳାକୁ ଦାୟୀକଲେ ବିଧାୟକ

ରାୟଗଡ଼ା,୧୪।୬(ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ା ଜିଲା କାଶୀପୁର ବ୍ଲକ୍ ଡଙ୍ଗାସିଲ ପଞ୍ଚାୟତ ଅନ୍ତର୍ଗତ ମୁନୁଷପଦର ଗ୍ରାମରେ ଥମୁନି ଅଜଣା ରୋଗ ଆତଙ୍କ । କିଛିଦିନ ଭିତରେ ଗଲାଣି ୫ ଜୀବନ। ମୁନୁଷପଦର ଗ୍ରାମରେ ପରିସ୍ଥିତି ଉଦବେଗଜନକ ରହିଛି। ଅନ୍ୟପଟେ ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟସେବା ଏହାର ମୂଳକାରଣ ବୋଲି କହିଛନ୍ତି ରାୟଗଡା ବିଧାୟକ ଆପଲସ୍ୱାମୀ କାଡ୍ରାକା। ବିଧାୟକ କାଡ୍ରାକା ଶୁକ୍ରବାର ମୁନୁଷପଦର ଗାଁକୁ ଯାଇ ମୃତ ଏବଂ ଆକ୍ରାନ୍ତଙ୍କ ପରିବାରକୁ ଭେଟି ଆଲୋଚନା କରିଛନ୍ତି। ସ୍ୱାସ୍ଥ୍ୟ ବିଭାଗର ଅବହେଳା ଏବଂ ଉପଯୁକ୍ତ ସେବା ନ ଥିବାରୁ ଏହିଭଳି ପରିସ୍ଥିତି ସୃଷ୍ଟି ହୋଇଥିବା ସେ କହିଛନ୍ତି। ଉକ୍ତ ଅଞ୍ଚଳରେ ଶିଶୁଙ୍କ ଟିକାକରଣ ହୋଇନାହିଁ। ଡିପ୍‌ଥେରିଆ ରୋଗ ସମେତ ଅନ୍ୟ ରୋଗ ପାଇଁ ଯେଉଁ ଡିପିଟି ଟିକା ଦେବା କଥା ତାହା ମଧ୍ୟ ହୋଇନାହିଁ। ୭ କି.ମି. ଦୂରରେ ଡଙ୍ଗାସିଲ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ରହିଥିଲେ ମଧ୍ୟ ଦିନେ ମଧ୍ୟ ଡାକ୍ତର କିମ୍ବା କର୍ମଚାରୀଙ୍କ ମୁନୁଷପଦର ଗ୍ରାମରେ ପାଦ ପଡ଼ିନାହିଁ। ଫଳରେ ଏହିଭଳି ସ୍ଥିତି ଦେଖାଦେଇଛି। କେବଳ ମୁନୁଷପଦର ନୁହେଁ, ନିକଟସ୍ଥ ଗାଁମାନଙ୍କରେ ମଧ୍ୟ ଏହା ବ୍ୟାପିବା ଆରମ୍ଭ ହୋଇଥିବା ବିଧାୟକ ସୂଚନା ଦେଇଛନ୍ତି।


ରାୟଗଡ଼ା ବିଧାୟକ ମୁନୁଷପଦ ଗ୍ରାମବାସୀଙ୍କ ସହ ଆଲୋଚନା କରୁଛନ୍ତି।

ଅଜଣା ରୋଗରେ ଆକ୍ରାନ୍ତ ହୋଇ ୨ ଭାଇ ବିଜୟ ମାଝି (୩) ଓ ମୋହନ ମାଝି (୫) ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଥିବାବେଳେ ପବିତ୍ର ମାଝି (୮) ଓ ଜୟରାମ ମାଝି (୫)ଙ୍କ ବ୍ରହ୍ମପୁର ଏମ୍‌କେସିଜି ମେଡିକାଲ କଲେଜରେ ଚିକିତ୍ସା ଚାଲିଛି। ସେହିପରି ହରି ମାଝି (୬୧)ଙ୍କ ଏବେ ସୁଦ୍ଧା ଚିକିତ୍ସା ଚାଲିଛି। କାଶୀପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ କିଛି ଜଣ ଚିକିତ୍ସିତ ହେଉଥିବା ସୂଚନା ମିଳିଛି। ରାୟଗଡା ଜିଲା ମୁଖ୍ୟ ଚିକିତ୍ସାଳୟ ଓ କୋରାପୁଟସ୍ଥିତ ଏସ୍‌ଏଲ୍‌ଏନ୍ ମେଡିକାଲ କଲେଜରୁ ଆସିଥିବା ଡାକ୍ତରୀ ଟିମ୍ ଗାଁରେ ଅନ୍ୟ କେତେଜଣଙ୍କୁ ଚିକିତ୍ସା କରୁଛନ୍ତି। ଏସ୍‌ଏଲ୍‌ଏନ୍ ମେଡିକାଲ କଲେଜର ଶିଶୁ ରୋଗ ବିଭାଗର ସହକାରୀ ପ୍ରଫେସର ଡାକ୍ତର ଶିବଶଙ୍କର ବେରିଆ ଓ ଡାକ୍ତର ପୂର୍ଣ୍ଣଚନ୍ଦ୍ର ପ୍ରଧାନଙ୍କ ନେତୃତ୍ୱରେ ଆସିଥିବା ଦଳ ଦ୍ୱିତୀୟ ଦିନରେ ଆକ୍ରାନ୍ତଙ୍କ ଚିକିତ୍ସା ଜାରି ରଖିଛନ୍ତି।

ଅନ୍ୟପଟେ ଅର୍ଥାଭାବ ମଧ୍ୟ ଉଚ୍ଚ ଚିକିତ୍ସା ପାଇଁ ଲୋକଙ୍କୁ କାଳ ସାଜିଛି। ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଥିବା ବିଜୟ ଓ ମୋହନଙ୍କ ବାପା ମଦନ ବ୍ରହ୍ମପୁର ସ୍ଥାନାନ୍ତର କରିବାକୁ ସ୍ପଷ୍ଟ ମନା କରିଛନ୍ତି । ଏଠାରେ ଚିକିତ୍ସା ନ କଲେ ପିଲାଙ୍କୁ ନେଇ ଗାଁକୁ ଫେରିଯିବେ ବୋଲି ଡାକ୍ତରଙ୍କୁ କହିଥିଲେ । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଟିମ୍ ପକ୍ଷରୁ ଦୁଇ ଜଣ ଆକ୍ରାନ୍ତଙ୍କ ଗଳାରୁ ନମୁନା ସଂଗ୍ରହ କରାଯାଇ ଭୁବନେଶ୍ୱରସ୍ଥିତ ଆର୍‌ଏମ୍‌ଆର୍‌ସି ଲାବ୍‌ରେ ପରୀକ୍ଷଣ ପାଇଁ ପଠାଯାଇଛି । ଆଇସିଏମ୍‌ଆର୍ ଜରିଆରେ ଜିଲା ଲାବ୍‌ରେ ଦୁଇ ପ୍ରକାର ପରୀକ୍ଷଣ ଆଜି ସୁଦ୍ଧା ଚାଲିଥିବା ସୂଚନା ମିଳିଛି। ଡିପଥେରିଆ ରୋଗ ବୋଲି ସ୍ୱାସ୍ଥ୍ୟ ବିଭାଗ ସନ୍ଦେହ କରୁଥିବାବେଳେ ରିପୋର୍ଟ ଆସି ନ ଥିବାରୁ ରୋଗ ବିଷୟରେ ସ୍ପଷ୍ଟ ହୋଇପାରିନାହିଁ। ସେପଟେ ଡିପ୍‌ଥେରିଆ ରୋଗର ଇଞ୍ଜେକ୍ସନ ମହଜୁଦ ନ ଥିବା ଚିନ୍ତାର କାରଣ ହୋଇଛି। ଆଣ୍ଟିଟକ୍ସିନ ଇଞ୍ଜେକ୍ସନ ପଠାଇବାକୁ ସରକାର ଏକ ନିର୍ଦ୍ଦିଷ୍ଟ କମ୍ପାନୀକୁ କହିଛନ୍ତି । ସମ୍ଭବତଃ ଶନିବାର ସକାଳୁ ୩୦୦ ଇଞ୍ଜେକ୍ସନ ଏଠାରେ ପହଞ୍ଚିବ ବୋଲି ଜଣାପଡିଛି। ଏ ସମ୍ପର୍କରେ ଜିଲାପାଳ ମନୋଜ ସତ୍ୟଓ୍ୱାନ ମହାଜନ କହିଛନ୍ତି, ଚିନ୍ତାର କୌଣସି କାରଣ ନାହିଁ। ସ୍ୱାସ୍ଥ୍ୟ ବିଭାଗ ଟିମ୍ ମୁନୁଷପଦର ଗାଁରେ ରହି ଲୋକଙ୍କୁ ଚିକିତ୍ସା କରିବା ସହ ସ୍ଥିତି ଉପରେ ନଜର ରଖିଛନ୍ତି। ନମୁନା ରିପୋର୍ଟ ଆସିବା ପରେ ପ୍ରକୃତ ରୋଗ ବିଷୟରେ ଜଣାପଡ଼ିବ। ଏଥିସହିତ ରୋଗ ଅନୁଯାୟୀ ଚିକିତ୍ସା ସୁବିଧା ଯୋଗାଇ ଦିଆଯିବ। ଏଥିସହ ସମଗ୍ର କାଶୀପୁର ବ୍ଲକ୍‌ରେ ହାଇ ଆଲର୍ଟ ଜାରି କରାଯାଇଥିବା ଜିଲାପାଳ ମହାଜନ ସୂଚନା ଦେଇଛନ୍ତି ।

- ଅଜଣା ରୋଗ ଆତଙ୍କ: ପରିସ୍ଥିତି ଉଦ୍‌ବେଗଜନକ
- କାଶୀପୁର ବ୍ଲକ୍‌ରେ ହାଇ ଆଲର୍ଟ
- ଜିଲାରେ ନାହିଁ ଡିପ୍‌ଥେରିଆ ଇଞ୍ଜେକ୍ସନ

## ମୁଖ୍ୟମନ୍ତ୍ରୀଙ୍କୁ ଶୁଭେଚ୍ଛା ଜଣାଇଲା ଶବର ସାଂସ୍କୃତିକ ସଂଘ


ବୈଠକରେ ଶବର ସାଂସ୍କୃତିକ ସଂଘର ସଦସ୍ୟ ଆଲୋଚନା କରୁଛନ୍ତି।

ଗୁଣପୁର,୧୪।୬(ପ୍ରଦୀପ କୁମାର ପାଢ଼ୀ)

ଜଣେ ଆଦିବାସୀ ନେତା ମୋହନ ଚରଣ ମାଝୀ ହୋଇଛନ୍ତି ଓଡ଼ିଶାର ମୁଖ୍ୟମନ୍ତ୍ରୀ। ଡ. ଗିରିଧର ଗମାଙ୍ଗଙ୍କ ପରେ ପୁଣି ଜଣେ ଆଦିବାସୀ ନେତା ମୋହନ ମାଝୀ ମୁଖ୍ୟମନ୍ତ୍ରୀ ହେବାରୁ ରାୟଗଡା ଜିଲା ଗୁଣପୁର ଶବର ସାଂସ୍କୃତିକ ସଂଘ ପକ୍ଷରୁ ତାଙ୍କୁ ଶୁଭେଚ୍ଛା ଜ୍ଞାପନ କରାଯାଇଛି। ଶବର ସାଂସ୍କୃତିକ ସଂଘ ପକ୍ଷରୁ ସଭାପତି ଚକ୍ରପାଣି ଶବରଙ୍କ ଅଧ୍ୟକ୍ଷତାରେ ଶୁକ୍ରବାର ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ସଂଘର ବିଭିନ୍ନ ସମସ୍ୟା ବିଷୟରେ ଆଲୋଚନା କରାଯିବା ସହ ନୂତନ ମୁଖ୍ୟମନ୍ତ୍ରୀଙ୍କୁ ସଂଘ ପକ୍ଷରୁ ଅଭିନନ୍ଦନ ଏବଂ ଶୁଭେଚ୍ଛା ପ୍ରଦାନ କରାଯାଇଥିଲା। ଏଥିସହ ଆସନ୍ତା ୧୬ ତାରିଖରେ ସଉରା ଭାଷା ଲିପିର ସ୍ରଷ୍ଟା ସ୍ୱର୍ଗତ ମାଙ୍ଗେଇ ଗମାଙ୍ଗଙ୍କ ଜୟନ୍ତୀ କିପରି ପାଳନ କରାଯିବ ସ ନେଇ ଆଲୋଚନା ହୋଇଥିଲା। ଏଙ୍ଗରବା ଆଶ୍ରମଠାରେ ସୌରା ପଣ୍ଡିତ ମାଙ୍ଗେଇ ଗମାଙ୍ଗଙ୍କ ଜନ୍ମଦିନ ପାଳନ ପାଇଁ ବୈଠକରେ ନିଷ୍ପତ୍ତି ହୋଇଥିଲା। ସେହିପରି ସଂଗଠନକୁ କିପରି ମଜଭୁତ କରାଯିବ ସେ ନେଇ ମଧ୍ୟ ଆଲୋଚନା କରଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉପ ସଭାପତି ଆର୍.ସି . ଶବର, ସମ୍ପାଦକ ବଳରାମ ଶବର, ଯୁଗ୍ମ ସମ୍ପାଦକ ବିଦ୍ୟାଧର ଶବର, କୋଷାଧ୍ୟକ୍ଷ କାର୍ତ୍ତିକ ଶବରଙ୍କ ସମେତ ଲୋକନାଥ ଶବର, ସୁଦାମ ଶବର, ଯୁଗଳ ଶବର, ଫାଲ୍‌ଗୁନି ଶବର, ବିକ୍ରମ ଗମାଙ୍ଗ ପ୍ରମୁଖ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ୨ ବାଇକ୍ ମୁହାଁମୁହିଁ ଧକ୍କା, ୨ ଗୁରୁତର

ଟିକିରି,୧୪।୬ (ପ୍ରଫୁଲ୍ଲ କୁମାର ବେହେରା)

ରାୟଗଡା ଜିଲା ଟିକିରି ଥାନା ଅନ୍ତର୍ଗତ ବିଲାମାଳ ଛକ ନିକଟରେ ୨ ବାଇକ୍ ମୁହାଁମୁହିଁ ଧକ୍କାହେବା ଫଳରେ ୨ଜଣ ଗୁରୁତର ଆହତ ହୋଇଛନ୍ତି। ସେମାନେ ହେଲେ ଟିକିରି ବାସିନ୍ଦା ଅବଦୁଲ ଚେଟି ଓ କୋରାପୁଟ ଜିଲା ବୋରିଗୁମ୍ମା ବ୍ଲକର କ୍ରିଷ୍ଣା ବିଶୋଇ। ଅବ୍ଦୁଲ ଉତ୍କଳ ଆଲୁମିନାରେ ଡ୍ୟୁଟି ସାରି ଫେରୁଥିବା ସମୟରେ କ୍ରିଷ୍ଣା ସାମ୍ନା ପଟୁ ଟିକିରିରୁ କମ୍ପର ଗ୍ରାମକୁ ଫେରୁଥିଲେ। ବିଲାମାଳ ଛକ ନିକଟରେ ଦୁଇ ବାଇକ୍ ମୁହାଁମୁହିଁ ହେବାରୁ ଉଭୟ ଛିଟିକି ପଡି ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ସେମାନଙ୍କୁ ଉଦ୍ଧାରକରି ଉଷାପଡ଼ାସ୍ଥିତ ଉତ୍କଳ ଆଲୁମିନା ହସ୍ପିଟାଲରେ ଭର୍ତ୍ତି କରିଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପରେ ଉଭୟଙ୍କୁ କୋରାପୁଟ ଶହୀଦ ଲକ୍ଷଣ ନାୟକ ମେଡିକାଲ କଲେଜକୁ ସ୍ଥାନାନ୍ତର କରାଯାଇଛି। ଗୁରୁତର କ୍ରିଷ୍ଣା ଆସାମରେ ସିଆର୍‌ପିଏଫ୍ ଯବାନ ଭାବେ କାର୍ଯ୍ୟରତ।

### ଯୁବକଙ୍କ ଗଳିତ ମୃତଦେହ ଜବତ

କୋରାପୁଟ,୧୪।୬(ଅମିତାଭ ବେହେରା)

କୋରାପୁଟ ସହରର ପିଏଚ୍‌ଡି କଲୋନି ଅଞ୍ଚଳର ଏକ ଘରୁ ଗଳିତ ଅବସ୍ଥାରେ ଜଣେ ଯୁବକଙ୍କ ମୃତଦେହ ଜବତ ହୋଇଛି। ଘରେ ଝୁଲନ୍ତା ଅବସ୍ଥାରେ ଥିବା ମୃତଦେହକୁ କୋରାପୁଟ ଟାଉନ ଥାନା ପୋଲିସ ଶୁକ୍ରବାର ସକାଳୁ ଜବତ କରିଛି। ମୃତକ ହେଲେ ରୋହିତ କୁମାର ପଟ୍ଟନାୟକ। ସେ ଏକ ପ୍ରାଇଭେଟ ଫାଇନାନ୍ସ କମ୍ପାନୀରେ କାର୍ଯ୍ୟରତ ଥିଲେ। ପୋଲିସ ଏ ନେଇ ଏକ ମାମଲା ରୁଜୁକରି ଅଧିକ ତଦନ୍ତ କରୁଥିବା ଥାନାଧିକାରୀ ପ୍ରମୋଦ ନାୟକ ସୂଚନା ଦେଇଛନ୍ତ।

## ଜିଲାର ୧୫୮ ସ୍କୁଲରୁ ହଟିବ ୫-ଟି ଫଳକ

ରାୟଗଡ଼ା,୧୪।୬(ଆଶିଷ ରଞ୍ଜନ ପଣ୍ଡା)

ରାଜ୍ୟରେ ସମସ୍ତ ହାଇସ୍କୁଲରେ ଲାଗିଥିବା ୫-ଟି ଫଳକ ହଟେଇବା ନେଇ ଓସେପା ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକଙ୍କ ପକ୍ଷରୁ ସମସ୍ତ ଶିକ୍ଷାଧିକାରୀଙ୍କୁ ଚିଠି ହୋଇଛି। ଏହାପରେ ଜିଲାର ବିଭିନ୍ନ ସ୍କୁଲରୁ ୫-ଟି ବୋର୍ଡ ହଟେଇବା ନେଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି ରାୟଗଡ଼ା ଜିଲା ଶିକ୍ଷାଧିକାରୀ। ରାୟଗଡ଼ା ସଦର ମହକୁମାସ୍ଥିତ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟଠାରୁ ଆରମ୍ଭକରି ଜିଲାରେ ୧୧ଟି ବ୍ଲକ୍‌ରେ ରହିଥିବା ୧୫୮ଟି ସ୍କୁଲରୁ ୫-ଟି ଫଳକ ହଟାଇବା ପାଇଁ ଜିଲା ଶିକ୍ଷାଧିକାରୀ ବସନ୍ତ କୁମାର ନାୟକ ସମ୍ପୃକ୍ତ ସ୍କୁଲର ପ୍ରଧାନ ଶିକ୍ଷକମାନଙ୍କୁ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି । ଏଥିସହ ଜିଲାର ୧୧ଟି ବ୍ଲକ୍‌ରେ ରହିଥିବା ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରୁ ମଧ୍ୟ ୫-ଟି ଓ ମୋ ସରକାର ବୋର୍ଡ ହଟାଇବା ପାଇଁ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି।




ପ୍ରକାଶ ଥାଉକି, ବିଜେଡି ସରକାର ସମୟରେ ୫-ଟି ଯୋଜନାରେ ଜିଲାର ବିଭିନ୍ନ ହାଇସ୍କୁଲକୁ ରୂପାନ୍ତରୀଣ କରାଯାଇଥିଲା। ଏଥିପାଇଁ ସ୍କୁଲ ପିଛା ୫୦ ଲକ୍ଷରୁ ଆରମ୍ଭ କରି ୧.୫ କୋଟି ଟଙ୍କା ପର୍ଯ୍ୟନ୍ତ ଖର୍ଚ୍ଚ କରାଯାଇଥିଲା। ହେଲେ ଏବେ ରାଜ୍ୟରେ ସରକାର ବଦଳିବା ପରେ ସମସ୍ତ ସ୍କୁଲରେ ୫-ଟି ଓ ମୋ ସରକାର ବୋର୍ଡ ହଟାଇବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଏ ନେଇ ଜିଲା ଶିକ୍ଷାଧିକାରୀ ବସନ୍ତ କୁମାର ପ୍ରଧାନଙ୍କୁ ପଚାରିବାରୁ ଓସେପାଠାରୁ ଚିଠି ହସ୍ତଗତ ହେବା ପରେ ବିଭାଗ ଅଧୀନ ସମସ୍ତ କାର୍ଯ୍ୟାଳୟ ଓ ହାଇସ୍କୁଲଗୁଡ଼ିକରୁ ୫-ଟି ଓ ମୋ ସରକାର ଫଳକ ହଟାଇବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ବର୍ତ୍ତମାନ ସ୍କୁଲ ଛୁଟି ରହିଥିବାରୁ ସମସ୍ତ ସ୍କୁଲରେ ଏହା କାର୍ଯ୍ୟକାରୀ ହୋଇପାରିନାହିଁ। ସ୍କୁଲ ଖୋଲିବା ପରେ ବିଭାଗୀୟ ନିର୍ଦ୍ଦେଶାନୁସାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲା ଶିକ୍ଷାଧିକାରୀ ନାୟକ ସୂଚନା ଦେଇଛନ୍ତି । ପୂର୍ବରୁ ନିର୍ବାଚନ ଆଚରଣ ବିଧି ସମୟରେ ଜିଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରୁ ୫-ଟି ଓ ମୋ ସରକାର ଫଳକ ବାହାର କରିଦିଆଯାଇଥିଲା ବୋଲି ସେ କହିଛନ୍ତି।

**ନିର୍ଦ୍ଦେଶ ଦେଲେ ରାୟଗଡ଼ା ଜିଲା ଶିକ୍ଷାଧିକାରୀ**

## ପୃଥକ୍ ସଡ଼କ ଦୁର୍ଘଟଣା ଜଣେ ମୃତ, ୪ ଗୁରୁତର

ଖଇରା, ୧୪।୬(ଉତ୍କଳବନ୍ଧୁ ପଣ୍ଡା)

ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ନହଙ୍ଗ ହାଇସ୍କୁଲ ଓ ଆଦର୍ଶ ବିଦ୍ୟାଳୟ ରାସ୍ତା ମଝିରେ ଅଟୋ-ବାଇକ ଧକ୍କାରେ ଜଣେ ମୃତ୍ୟୁବରଣ କରିଥିବା ବେଳେ ୨ଜଣ ଗୁରୁତର ଆହତ ହୋଇଛନ୍ତି। ଆହତମାନଙ୍କୁ ଚିକିତ୍ସା ପାଇଁ ଭଦ୍ରକ ସ୍ଥାନାନ୍ତର କରାଯାଇଛି। ମୃତକ ହେଲେ ଖଇରା ବ୍ଲକ ବଡଜୟିପୁର ଗ୍ରାମର ଗଜେନ୍ଦ୍ର ବାରିକ(୬୨) ଓ ଆହତଦ୍ୱୟ ହେଲେ ଗଜେନ୍ଦ୍ରଙ୍କୁ ପୁଅ ଶୁଭଙ୍କର ଓ ସହଯୋଗୀ ବିପିନ ପୃଷ୍ଟି । ୩ଜଣ ଏକ ବାଇକରେ ଖଇରାରୁ ଲୁଗା କିଣି ଘରକୁ ଫେରୁଥିବା ବେଳେ ଆଳଦା-ନହଙ୍ଗ ରାସ୍ତାର ଆଦର୍ଶ ବିଦ୍ୟାଳୟଠାରୁ ଅଳ୍ପ କିଛି ଦୂରରେ ବିପରୀତ ଦିଗରୁ ଆସୁଥିବା ଏକ ଅଟୋ ଧକ୍କା ଦେବାରୁ ୩ଜଣ ରାସ୍ତା କଡକୁ ଛିଟିକି ପଡିଥିଲେ। ୩ଜଣଙ୍କୁ ପ୍ରଥମେ ଖଇରା ଗୋଷ୍ଠୀ କେନ୍ଦ୍ରକୁ ନିଆଯିବା ପରେ ଗଜେନ୍ଦ୍ରଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଅନ୍ୟ ୨ଜଣଙ୍କୁ ଗୁରୁତର ଅବସ୍ଥାରେ ଭଦ୍ରକ ସ୍ଥାନାନ୍ତର କରାଯାଇଥିଲା। ସେହିଭଳି ଗଣ୍ଡିବେଡ-ଔପଦା ରାସ୍ତାର ବୁଢାଗଡିଆ ଛକ ନିକଟରେ ବାଇକ ଦୁର୍ଘଟଣାରେ ୨ଜଣ ଆହତ ହୋଇଥିବା ବେଳେ ଚିକିତ୍ସା ପାଇଁ ଭଦ୍ରକ ସ୍ଥାନାନ୍ତର କରାଯାଇଛି।

## ପାତ୍ରପୁଟ ଜଙ୍ଗଲରେ ଅବକାରୀ ଚଢ଼ାଉ

ଜୟପୁର ୧୪।୬(ପବନ ପାଣିଗ୍ରାହୀ)

ଦେଶୀ ମଦ ପ୍ରସ୍ତୁତ ସହ ଲୁଚାଇ ରଖିଥିବା ସୂଚନା ପାଇ ପାତ୍ରପୁଟ ଜଙ୍ଗଲରେ ଅବକାରୀ ଚଢ଼ାଉ ହୋଇଛି। ଜୟପୁର ଅବକାରୀ ଥାନା ପକ୍ଷରୁ ଶୁକ୍ରବାର ଚଢ଼ାଉ କରାଯାଇଥିଲା। ଚଢ଼ାଉ ସୂଚନା ପାଇ ମଦ ମାଫିଆମାନେ ଚମ୍ପଟ ମାରିଥିବା ବେଳେ ଅବକାରୀ ବିଭାଗ ୪ଟି ମଦ ଭାଟି ଭାଙ୍ଗିବା ସହ ୧ ହଜାର ଏକ ଶହ ଲିଟର ପୋଚ ଓ ୬୦ ଲିଟର ଦେଶୀମଦ ଜବତ ପରେ ନଷ୍ଟ କରିଛି । ମଦ ରନ୍ଧା ସରଞ୍ଜାମ ଡ୍ରମ ଆଦିକୁ ଜବତ କରିଥିବା ଜୟପୁର ଅବକାରୀ ଥାନା ଓଆଇସି ନୀଳାଦ୍ରି ବିହାରୀ ମିଶ୍ର ସୂଚନା ଦେଇଛନ୍ତି ।



## ରଜରେ ଜମୁଛି ପିଠାପଣାର ଆସର


ମୁନିଗୁଡାର ପାଇକସାହିରେ ମହିଳାମାନେ ରଜ ଉତ୍ସବ ପାଳନ କରୁଛନ୍ତି।

ମୁନିଗୁଡା,୧୪।୬
(ନନ୍ଦ କିଶୋର ପଟ୍ଟନାୟକ)

ରାୟଗଡା ଜିଲା ମୁନିଗୁଡ଼ାରେ ମହା ଆଡମ୍ବରରେ ରଜ ଉତ୍ସବ ପାଳନ କରାଯାଉଛି। ରଜ ଅବସରରେ ଘରେ ଘରେ ବିଭିନ୍ନ ଓଡ଼ିଆ ପାରମ୍ପରିକ ପିଠା ସହିତ ସ୍ୱାଦିଷ୍ଟ ପୋଡପିଠା ହୋଇଥିବା ଦେଖିବାକୁ ମିଳିଛି। ଅନେକ ଲୋକ ନିଜ ଘର ପରିସରରେ ଦୋଳି ଲଗାଇଥିବା ବେଳେ ଆଉ କେତେକ ସାମୁହିକ ଭାବେ ନିଜ ନିଜ ସାହି ମଝିରେ ଏବଂ ବିଭିନ୍ନ ତୋଟାର ବଡ ବଡ଼ ଗଛରେ ଦୋଳିବାନ୍ଧି ରଜପର୍ବର ମଜା ନେଉଛନ୍ତି। ମୁନିଗୁଡାର ପାଇକସାହି, ଖମଣ ସାହି, ଗୌଡ଼ ସାହି, ଗଣେଶ ନଗର, ଟିକରପଡା, ମୁନିଖୋଲ, କୁମୁଡ଼ାବାଲି, ଆଗୁଳ, ଅମ୍ବାଦଳା, ଶରଧାପୁର, ଜଗଦଲପୁର ଅଞ୍ଚଳରେ ପହିଲି ରଜପର୍ବ ଆନନ୍ଦ ଉଲ୍ଲାସର ସହିତ ପାଳିତ ହୋଇଛି। ଝିଅମାନେ ନୂଆ ଶାଢ଼ୀ, ପୋଷାକ ପିନ୍ଧିବା ସହିତ ପାଦରେ ଅଳତା, ମଥାରେ ଚନ୍ଦନ, କୁଙ୍କୁମରେ ସୁସଜ୍ଜିତ ହୋଇ ଦୋଳି ଖେଳୁଥିବା ବେଳେ ପୁରୁଷମାନେ ତାସ, ଲୁଡୁ, କ୍ୟାରମଓ ବାଗୁଡି ଖେଳୁଥିବା ଦେଖିବାକୁ ମିଳୁଛି।

## ବଜ୍ରପାତରେ ନାବାଳିକାଙ୍କ ମୃତ୍ୟୁ

ପଟ୍ଟାଙ୍ଗି, ୧୪।୬ (ଶରତ ଧଳ)

ରଜ ଉତ୍ସବ ପାଳନ ଭିତରେ ଶୁକ୍ରବାର କୋରାପୁଟ ଜିଲା ପଟ୍ଟାଙ୍ଗି ବ୍ଲକ୍ ଅନ୍ତର୍ଗତ ରାଲେଗଡ଼ା ପଞ୍ଚାୟତର ବୁଡୁଲପାଡୁ ଗ୍ରାମରେ ଘଟିଛି ଅଘଟଣ। ବଜ୍ରପାତରେ ରାମଚନ୍ଦ୍ର ତାମାଲଙ୍କ ନାବାଳିକା ଝିଅ ମାରିଆ ତାମାଲଙ୍କର ମୃତ୍ୟୁ ଘଟିଛି। ମାରିଆ ଏକ ଖୋଲା ସ୍ଥାନରେ ଗାଈ ଚରାଉଥିବା ବେଳେ ହଠାତ୍ ଘଡ଼ଘଡ଼ି ସହ ବଜ୍ରପାତ ହୋଇଥିଲା। ସେ ତରବରରେ ଘରକୁ ଫେରୁଥିବା ସମୟରେ ବଜ୍ରପାତ ହେବାରୁ ସେ ଅଚେତ ହୋଇ ତଳେ ପଡ଼ିଯାଇଥିଲେ। ଗ୍ରାମବାସୀ ତାଙ୍କୁ ଉଦ୍ଧାରକରି ଘରକୁ ଆଣିଥିଲେ ମଧ୍ୟ ସେତେବେଳକୁ ତାଙ୍କର ମୃତ୍ୟୁ ଘଟିସାରିଥିଲା। ରାମଚନ୍ଦ୍ର ଥାନାରେ ଲିଖିତ ଅଭିଯୋଗ କରିଥିବା ଜଣାପଡ଼ିଛି। ପୋଲିସର ତଦନ୍ତ ଏବଂ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ତୁରନ୍ତ ପରିବାରବର୍ଗଙ୍କୁ ସରକାରୀ ନିୟମ ଅନୁସାରେ ସହାୟତା ଯୋଗାଇ ଦିଆଯିବ ବୋଲି ସ୍ଥାନୀୟ ତହସିଲଦାର ଦେବେନ୍ଦ୍ର ବାହାଦୁର ସିଂ ଧାରୁଆ କହିଛନ୍ତି। ଅନ୍ୟପକ୍ଷରେ ଥାନାଧିକାରୀ ଚତୁର୍ଭୁଜ ନାୟକଙ୍କ ନିର୍ଦ୍ଦେଶକ୍ରମେ ପୋଲିସ ଗ୍ରାମରେ ପହଞ୍ଚି ମୃତଦେହ ଜବତକରି ତଦନ୍ତ ଆରମ୍ଭ କରିଥିବା ଜଣାପଡ଼ିଛି ।

## ଚୁଲିରୁ ନିଆଁ ବ୍ୟାପୀ ଜଳିଗଲା ଘର


ଘର ଜଳୁଥିବାବେଳେ ବାହାରେ ବୃଦ୍ଧ ଦମ୍ପତି।

ଦଶମନ୍ତପୁର,୧୪।୬ (ଅରବିନ୍ଦ ନାୟକ)

କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ଅନ୍ତର୍ଗତ ଚିକାମ୍ବ ପଞ୍ଚାୟତ ସଦର ଗାଁ ଆଦିବାସୀ ସାହିରେ ଜଣେ ବୃଦ୍ଧ ଦମ୍ପତି ରୋଷେଇ କରୁଥିବାବେଳେ ଚୁଲିରୁ ନିଆଁ ବ୍ୟାପି ଚାଳଛପର ଘର ଜଳିଯାଇଛି। ହେଲେ ଅଗ୍ନିକାଣ୍ଡରୁ ବୃଦ୍ଧ ଦମ୍ପତି ଅଳ୍ପକେ ବର୍ତ୍ତି ଯାଇଛନ୍ତି। ସେମାନେ ହେଲେ ଦୁଲବ ପରଜା ଏବଂ ଲାଡ ପରଜା।

ସୂଚନା ମୁତାବକ, ଶୁକ୍ରବାର ସନ୍ଧ୍ୟାରେ ବୃଦ୍ଧା ଲାଡ କାଠ ଚୁଲିରେ ରୋଷେଇ କରୁଥିବାବେଳେ ହଠାତ୍ ଚାଳ ଘରେ ନିଆଁ ଲାଗି ଯାଇଥିଲା। ଫଳରେ କିଛି ସମୟ ମଧ୍ୟରେ ଘର ପୋଡ଼ି ପାଉଁଶ ହୋଇଯାଇଛି। ବହୁ କଷ୍ଟରେ ଦମ୍ପତି ଘରୁ ବାହାରକୁ ଆସିବାରୁ ଅଳ୍ପକେ ରକ୍ଷା ପାଇଯାଇଛନ୍ତି। ଘରେ ଟଙ୍କିଆ ଚାଉଳ ୧୦ କେଜି, ଧାନ ୨ ବସ୍ତା ଏବଂ ମାଣ୍ଡିଆ ୧ ବସ୍ତା ସହ ଘରର ଆସବାବପତ୍ର ପୋଡି ପାଉଁଶ ହୋଇଯାଇଥିବା ଦମ୍ପତି କହିଛନ୍ତି। ଘର ଜଳି ଯାଇଥିବାରୁ ସେମାନେ ଏବେ ବେସାହାରା ହୋଇପଡ଼ିଛନ୍ତି। ଅନ୍ୟପଟେ ତାଙ୍କର ଏକମାତ୍ର ପୁଅ ବାହା ହୋଇ ଅଲଗା ରହୁଛନ୍ତି। ତେବେ ପ୍ରଶାସନ ପକ୍ଷରୁ ବୃଦ୍ଧ ଦମ୍ପତିଙ୍କୁ ଜରୁରୀକାଳୀନ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ନିବେଦନ କରିଛନ୍ତି।

## ଗୁଣପୁର-ଥେରୁବାଲି ରେଳପଥ ନେଇ ଆଶା ସଞ୍ଚାର

ଗୁଣପୁର/ପଦ୍ମପୁର,୧୪।୬
(ପ୍ରଦୀପ କୁମାର ପାଢ଼ୀ/ପ୍ରଶାନ୍ତ କୁମାର କର)

ରାଜ୍ୟରେ ଭାଜପା ସରକାର ଗଠନ କରିଛି। ରାଜ୍ୟ ଏବଂ କେନ୍ଦ୍ର ଉଭୟ ସରକାରଙ୍କ ଶପଥ ପାଠ ମଧ୍ୟ ସରିଛି। ପୁଣି ରେଳମନ୍ତ୍ରୀ ଭାବେ ଓଡିଶାରୁ ଅଶ୍ୱିନୀ ବୈଷ୍ଣବ ଦାୟିତ୍ୱ ନେଇଛନ୍ତି। ସେ ଅଳ୍ପ ବହୁତ ଭାବେ ଗୁଣପୁର-ଥେରୁବାଲି ରେଳପଥ ଉପରେ ଅବଗତ ଅଛନ୍ତି। ପ୍ରଧାନମନ୍ତ୍ରୀ କେନ୍ଦ୍ର ମନ୍ତ୍ରୀମାନଙ୍କୁ ୧୦୦ ଦିନର ରୋଡ୍ ମ୍ୟାପ ଦେଇଛନ୍ତି। ଏସବୁ ପରେ ଦୀର୍ଘ ଦଶନ୍ଧିର ଦାବି ଗୁଣପୁର ଥେରୁବାଲି ରେଳପଥ କାର୍ଯ୍ୟ ତ୍ୱରାନ୍ୱିତ ନେଇ ଆଶା ସଞ୍ଚାର ହୋଇଛି।

ପୂର୍ବରୁ ଏହି ପ୍ରକଳ୍ପର ଭାଗ୍ୟ ସୂତା ଖିଅରେ ଝୁଲୁଥିଲା। ରାଜ୍ୟ ଏବଂ କେନ୍ଦ୍ର ମଧ୍ୟରେ ଛନ୍ଦିହୋଇଯାଇଥିଲା ଗୁଣପୁର -ଥେରୁବାଲି ରେଳପଥର ଭାଗ୍ୟ। ରାଜ୍ୟ ସରକାର ମାଗଣା ଜମି ଦେବାକୁ କହିଥିଲେ ମଧ୍ୟ ପ୍ରକଳ୍ପର ଅଧା ଖର୍ଚ୍ଚ ନେଇ କୌଣସି ସମ୍ମତି ଦେଇ ନ ଥିଲେ।



ଗୁଣପୁର - ଥରୁବାଲି ରେଳପଥ।

ଫଳରେ ଏହି ପ୍ରକଳ୍ପର ଭାଗ୍ୟ ଆଗକୁ ବଢ଼ି ପାରୁ ନ ଥିଲା। ବର୍ତ୍ତମାନ ରାଜ୍ୟ ଏବଂ କେନ୍ଦ୍ରରେ ଭାଜପାର ଡବଲ ଇଞ୍ଜିନ ସରକାର ହୋଇଛି। ଅଞ୍ଚଳବାସୀଙ୍କ ହିତ ଦୃଷ୍ଟିରୁ ଏହି ଦାବିକୁ ଉଭୟ ସରକାର ଗୁରୁତ୍ୱ ଦେବେ ବୋଲି ମତ ପ୍ରକାଶ ପାଇଛି। ଗୁଣପୁର ଥେରୁବାଲି ରେଳପଥ ପାଇଁ ଡିପିଆର୍ ପ୍ରସ୍ତୁତ ହୋଇଛି। ପ୍ରଥମେ ଗୁଣପୁର ଥେରୁବାଲି ୭୩.୬୨ କିମି ଲମ୍ବା ଏହି ରେଳପଥ ପାଇଁ ୯୩୫.୭୨ କୋଟି ଟଙ୍କା ବ୍ୟୟ ବରାଦ କରାଯାଇ ୨୦୧୭-୧୮ ରେଳ ବଜେଟରେ ଏହା ସ୍ଥାନ ପାଇଥିଲା। ଦୀର୍ଘ ୬ ବର୍ଷ ବିତିଯାଇଥିଲେ ମଧ୍ୟ ଏହି ପ୍ରକଳ୍ପର ଭାଗ୍ୟ ଆଗକୁ ବଢିପାରୁନାହିଁ। ଏପରିକି ଏହି ରେଳପଥ ପିଏମ ଗତିଶକ୍ତି ଯୋଜନାରେ ମଧ୍ୟ ସାମିଲ ହୋଇଛି। ତଥାପି ରେଳପଥ ଅନିଶ୍ଚିତତା ମଧ୍ୟକୁ ଠେଲି ହୋଇଯାଇଛି। ସମୟ ବଢିବା ସହ ପ୍ରକଳ୍ପର ଖର୍ଚ୍ଚ ପରିମାଣ ବର୍ତ୍ତମାନ ୧୩୯୮ କୋଟି ଟଙ୍କାରେ ପହଞ୍ଚିଛି। ସେବେଠାରୁ ନୌପଡ଼ା- ଗୁଣପୁର- ଥେରୁବାଲି ରେଳପଥ ନାମରେ ପ୍ରତି ବଜେଟରେ ଅଳ୍ପ ଲେଖାଏ ପରିମାଣରେ ଅନୁଦାନ ପ୍ରଦାନ ହୋଇଚାଲିଛି। ବଡ ଧରଣର ଅନୁଦାନ ଆସୁ ନ ଥିବାରୁ ଗୁଣପୁର ଥେରୁବାଲି ରେଳପଥର ଭାଗ୍ୟ ସୁତା ଖିଅରେ ଝୁଲି ରହିଛି। ରେଳମନ୍ତ୍ରୀଙ୍କ ରାୟଗଡା ଗସ୍ତ ସମୟରେ ମଧ୍ୟ ଗୁଣପୁର ଅଞ୍ଚଳର ଜନସାଧାରଣ ସାଇକେଲ ଯାତ୍ରାରେ ଯାଇ ପ୍ରକଳ୍ପ ଉପରେ ଦୃଷ୍ଟି ଆକର୍ଷଣ କରି ଦାବିପତ୍ର ଦେଇଥିଲେ। ନିର୍ବାଚନ ପୂର୍ବରୁ ଏହି ରେଳପଥ କେନ୍ଦ୍ର କ୍ୟାବିନେଟ୍‌ର ଅନୁମୋଦନ ପାଇଁ ରହିଥିବା ଜଣାଯାଇଛି। ଏହି ରେଳପଥ ନିର୍ମାଣ ହେଲେ ଅଞ୍ଚଳର ବିକାଶ ହେବା ସହ ବ୍ରହ୍ମପୁର, ରାୟଗଡା ଏବଂ ଅନ୍ୟ ଅଞ୍ଚଳକୁ ଯୋଗାଯୋଗର ସୁବିଧା ହୋଇପାରିବ । ରେଳ ବିଭାଗ ମଧ୍ୟ ଏହା ଦ୍ୱାରା ଲାଭାନ୍ୱିତ ହେବେ ବୋଲି ଆଲୋଚନା ହେଉଛି। ଏପରି କି ଅଦିବାସୀ ଅଧ୍ୟୁଷିତ ଏହି ଅଞ୍ଚଳରେ ବିକାଶର ବେଗ ବଢିପାରିବ । ଏପରି ସ୍ଥିତିରେ ବର୍ତ୍ତମାନ ଡବଲ ଇଞ୍ଜିନ ସରକାର ଏଥିପ୍ରତି ଦୃଷ୍ଟି ଦେଇ ପ୍ରକଳ୍ପକୁ ତ୍ୱରାନ୍ୱିତ କରିବା ପାଇଁ ସାଧାଣରେ ମତ ପ୍ରକାଶ ପାଇଛି।

**ରାଜ୍ୟରେ ଡବଲ ଇଞ୍ଜିନ ସରକାର**

# ଆଶାକର୍ମୀ ସଂଘର କାର୍ଯ୍ୟବନ୍ଦ ଆନ୍ଦୋଳନ ଚେତାବନୀ

କୁନ୍ଦୁରା, ୧୪।୬ (ସନ୍ତୋଷ ପ୍ରହରାଜ)

କୋରାପୁଟ ଜିଲା କୁନ୍ଦୁରା ବ୍ଲକ୍ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ କାର୍ଯ୍ୟରତ ଆଶା କର୍ମୀଙ୍କୁ ୭ ଦିନ ମଧ୍ୟରେ ବକେୟା ପ୍ରାପ୍ୟ ପ୍ରଦାନ କରାଯିବାକୁ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀଙ୍କୁ ଏକ ଦାବିପତ୍ର ଦିଆଯାଇଛି। ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସପ୍ତାହକ ମଧ୍ୟରେ କୌଣସି ପଦକ୍ଷେପ ନ ନେଲେ କାର୍ଯ୍ୟବନ୍ଦ ଆନ୍ଦୋଳନ କରାଯିବ ବୋଲି ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି। କୁନ୍ଦୁରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନରେ କାର୍ଯ୍ୟରତ ୧୫୨ ଆଶାକର୍ମୀ ଗର୍ଭବତୀଙ୍କ ନିମନ୍ତେ ଦିନରାତି କାର୍ଯ୍ୟ କରୁଥିବା ଦାୟିତ୍ୱରେ ରହିଥିବା ବାଡ଼ା ଏବଂ ବିପିଓଙ୍କ ମନମୁଖି କାର୍ଯ୍ୟ ଯୋଗୁ ସେମାନେ ଦୀର୍ଘ ୨ ବର୍ଷ ବର୍ଷ ଧରି ନିଜର ହକ୍ ପାଇବାରୁ ବଞ୍ଚିତ ଥିବା ଅଭିଯୋଗ ହୋଇଛି।


ଆଶା କର୍ମୀମାନେ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀଙ୍କୁ ଦାବିପତ୍ର ଦେଉଛନ୍ତି।

କୁନ୍ଦୁରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିନରେ କାର୍ଯ୍ୟରତ ବାଡ଼ା କାଜୋଲ ତରାସିଆ ଏବଂ ବିପିଓ ଅମ୍ବୁଜିନି ବାରିକ ୬ ବର୍ଷ ହେବ ନିଯୁକ୍ତି ପାଇଥିବାବେଳେ ସେମାନେ ମନମୁଖି କାର୍ଯ୍ୟ କରୁଥିବା ଦାବିପତ୍ରରେ ଉଲ୍ଲେଖ ରହିଛି। ଆଶାକର୍ମୀମାନେ ନିଜର ପ୍ରାପ୍ୟ ପାଇଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ କିମ୍ବା ଏଲଏଚବିଙ୍କ ନିକଟରେ ଅଭିଯୋଗ କଲେ ମଧ୍ୟ ସେମାନଙ୍କ ନିକଟକୁ କାହିଁକି ଯାଉଛ ବୋଲି ଆଶାକର୍ମୀଙ୍କୁ ଧମକ

## ୭ ଦିନ ମଧ୍ୟରେ ଆଶା କର୍ମୀଙ୍କୁ ବକେୟା ପ୍ରାପ୍ୟ ପ୍ରଦାନ ଦାବି

ଦେଉଥିବା ଦାବିପତ୍ରରେ ଉଲ୍ଲେଖ ରହିଛି। ୨୦୨୦ରେ କରିଥିବା କାର୍ଯ୍ୟର ପ୍ରାପ୍ୟ ଏଯାବତ ମିଳି ନ ଥିବାରୁ ଆଶାକର୍ମୀମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଗଣେଶ ପ୍ରସାଦ ଦାସ କହିଛନ୍ତ, ଆସନ୍ତା ସୋମବାର ସେ ଉପସ୍ଥିତ ରହି ଏହାର ତଦନ୍ତ କରିବା ସହ ଯଥାଶିଘ୍ର ସମସ୍ତଙ୍କ ବକେୟା ପ୍ରାପ୍ୟ ପ୍ରଦାନ କରାଯିବ। ଆଉ ବଦଳି କଥା ମୋ ହାତରେ ନାହିଁ। ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଏ ବାବଦରେ ସୂଚନା ଦେବି, ସେମାନେ ଯାହା ପଦକ୍ଷେପ ନେବେ ବୋଲି କହିଛନ୍ତି।

# ବଜ୍ରପାତରେ ନାବାଳିକାଙ୍କ ମୃତ୍ୟୁ

ପଟ୍ଟାଙ୍ଗି, ୧୪।୬ (ଶରତ ଧଳ)

## ଫିକା ପଡ଼ିଲା ରଜ ମଉଜ

ରଜ ଉତ୍ସବ ପାଳନ ଭିତରେ ଶୁକ୍ରବାର କୋରାପୁଟ ଜିଲା ପଟ୍ଟାଙ୍ଗି ବ୍ଲକ୍ ଅନ୍ତର୍ଗତ ରାଲେଗଡ଼ା ପଞ୍ଚାୟତର ବୁନ୍ଦୁଲପାଡୁ ଗ୍ରାମରେ ଘଟିଛି ଅଘଟଣ। ବଜ୍ରପାତରେ ରାମଚନ୍ଦ୍ର ତାମାଲଙ୍କ ନାବାଳିକା ଝିଅ ମାରିଆ ତାମାଲଙ୍କର ମୃତ୍ୟୁ ଘଟିଛି। ମାରିଆ ଏକ ଖୋଲା ସ୍ଥାନରେ ଗାଈ ଚରାଉଥିବା ବେଳେ ହଠାତ୍ ଘଡ଼ଘଡ଼ି ସହ ବଜ୍ରପାତ ହୋଇଥିଲା। ସେ ତରବରରେ ଘରକୁ ଫେରୁଥିବା ସମୟରେ ବଜ୍ରପାତ ହେବାରୁ ସେ ଅଚେତ ହୋଇ ତଳେ ପଡ଼ିଯାଇଥିଲେ। ଗ୍ରାମବାସୀ ତାଙ୍କୁ ଉଦ୍ଧାରକରି ଘରକୁ ଆଣିଥିଲେ ମଧ୍ୟ ସେତେବେଳକୁ ତାଙ୍କର ମୃତ୍ୟୁ ଘଟିସାରିଥିଲା। ରାମଚନ୍ଦ୍ର ଥାନାରେ ଲିଖିତ ଅଭିଯୋଗ କରିଥିବା ଜଣାପଡ଼ିଛି। ପୋଲିସର ତଦନ୍ତ ଏବଂ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ତୁରନ୍ତ ପରିବାରବର୍ଗଙ୍କୁ ସରକାରୀ ନିୟମ ଅନୁସାରେ ସହାୟତା ଯୋଗାଇ ଦିଆଯିବ ବୋଲି ସ୍ଥାନୀୟ ତହସିଲଦାର ଦେବେନ୍ଦ୍ର ବାହାଦୁର ସିଂ ଧାରୁଆ କହିଛନ୍ତି। ଅନ୍ୟପକ୍ଷରେ ଥାନାଧିକାରୀ ଚତୁର୍ଭୁଜ ନାୟକଙ୍କ ନିର୍ଦ୍ଦେଶକ୍ରମେ ପୋଲିସ ଗ୍ରାମରେ ପହଞ୍ଚି ମୃତଦେହ ଜବତକରି ତଦନ୍ତ ଆରମ୍ଭ କରିଥିବା ଜଣାପଡ଼ିଛି ।

# ଚୁଲିରୁ ନିଆଁ ବ୍ୟାପି ଜଳିଗଲା ଘର


ଘର ଜଳୁଥିବାବେଳେ ବାହାରେ ବୃଦ୍ଧ ଦମ୍ପତି।

ଦଶମନ୍ତପୁର,୧୪।୬ (ଅରବିନ୍ଦ ନାୟକ)

## ଅଳ୍ପକେ ବର୍ତ୍ତିଲେ ବୃଦ୍ଧ ଦମ୍ପତି

କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ଅନ୍ତର୍ଗତ ଚିକାମ୍ବ ପଞ୍ଚାୟତ ସଦର ଗାଁ ଆଦିବାସୀ ସାହିରେ ଜଣେ ବୃଦ୍ଧ ଦମ୍ପତି ରୋଷେଇ କରୁଥିବାବେଳେ ଚୁଲିରୁ ନିଆଁ ବ୍ୟାପି ଚାଳଛପର ଘର ଜଳିଯାଇଛି। ହେଲେ ଅଗ୍ନିକାଣ୍ଡରୁ ବୃଦ୍ଧ ଦମ୍ପତି ଅଳ୍ପକେ ବର୍ତ୍ତି ଯାଇଛନ୍ତି। ସେମାନେ ହେଲେ ଦୁଲବ ପରଜା ଏବଂ ଲାଡ ପରଜା।

ସୂଚନା ମୁତାବକ, ଶୁକ୍ରବାର ସନ୍ଧ୍ୟାରେ ବୃଦ୍ଧା ଲାଡ କାଠ ଚୁଲିରେ ରୋଷେଇ କରୁଥିବାବେଳେ ହଠାତ୍ ଚାଳ ଘରେ ନିଆଁ ଲାଗି ଯାଇଥିଲା। ଫଳରେ କିଛି ସମୟ ମଧ୍ୟରେ ଘର ପୋଡ଼ି ପାଉଁଶ ହୋଇଯାଇଛି। ବହୁ କଷ୍ଟରେ ଦମ୍ପତି ଘରୁ ବାହାରକୁ ଆସିବାରୁ ଅଳ୍ପକେ ରକ୍ଷା ପାଇଯାଇଛନ୍ତି। ଘରେ ଟଙ୍କିକିଆ ଚାଉଳ ୧୦ କେଜି, ଧାନ ୨ ବସ୍ତା ଏବଂ ମାଣ୍ଡିଆ ୧ ବସ୍ତା ସହ ଘରର ଆସବାବପତ୍ର ପୋଡି ପାଉଁଶ ହୋଇଯାଇଥିବା ଦମ୍ପତି କହିଛନ୍ତି। ଘର ଜଳି ଯାଇଥିବାରୁ ସେମାନେ ଏବେ ବେସାହାରା ହୋଇପଡ଼ିଛନ୍ତି। ଅନ୍ୟପଟେ ତାଙ୍କର ଏକମାତ୍ର ପୁଅ ବାହା ହୋଇ ଅଲଗା ରହୁଛନ୍ତି। ତେବେ ପ୍ରଶାସନ ପକ୍ଷରୁ ବୃଦ୍ଧ ଦମ୍ପତିଙ୍କୁ ଜରୁରୀକାଳୀନ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ନିବେଦନ କରିଛନ୍ତି।

## ସଂକ୍ଷେପରେ

# ଯୁବକଙ୍କ ଗଳିତ ମୃତଦେହ ଜବତ

କୋରାପୁଟ,୧୪।୬ (ଅମିତାଭ ବେହେରା)

କୋରାପୁଟ ସହରର ପିଏଚ୍‌ଡି କଲୋନି ଅଞ୍ଚଳର ଏକ ଘରୁ ଗଳିତ ଅବସ୍ଥାରେ ଜଣେ ଯୁବକଙ୍କ ମୃତଦେହ ଜବତ ହୋଇଛି। ଘରେ ଝୁଲନ୍ତା ଅବସ୍ଥାରେ ଥିବା ମୃତଦେହକୁ କୋରାପୁଟ ଟାଉନ ଥାନା ପୋଲିସ ଶୁକ୍ରବାର ସକାଳୁ ଜବତ କରିଛି। ମୃତକ ହେଲେ ରୋହିତ କୁମାର ପଟ୍ଟନାୟକ। ସେ ଏକ ପ୍ରାଇଭେଟ ଫାଇନାନ୍ସ କମ୍ପାନୀରେ କାର୍ଯ୍ୟରତ ଥିଲେ। ପୋଲିସ ଏ ନେଇ ଏକ ମାମଲା ରୁଜୁକରି ଅଧିକ ତଦନ୍ତ କରୁଥିବା ଥାନାଧିକାରୀ ପ୍ରମୋଦ ନାୟକ ସୂଚନା ଦେଇଛନ୍ତ।

# ସ୍ୱାସ୍ଥ୍ୟକେନ୍ଦ୍ରରେ ଭାଜପା କର୍ମକର୍ତ୍ତାଙ୍କ ଅନୁଧ୍ୟାନ

ଦାରିଙ୍ଗବାଡ଼ି, ୧୪।୬ (ଅରୁଣ ସାହୁ)

ଭାଜପା କର୍ମକର୍ତ୍ତାମାନେ ଶୁକ୍ରବାର ଦାରିଙ୍ଗବାଡ଼ି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ସେଠାରେ ଲାଗିରହିଥିବା ଏକାଧିକ ଅବ୍ୟବସ୍ଥା ସମ୍ପର୍କରେ ପଚାରି ବୁଝିଛନ୍ତି। ସ୍ୱାସ୍ଥ୍ୟକେନ୍ଦ୍ରର ଅନ୍ତଃ ବିଭାଗରେ ରହିଥିବା ରୋଗୀ ଓ ତାଙ୍କ ସମ୍ପର୍କୀୟମାନଙ୍କୁ ଭେଟି ସେମାନଙ୍କ ଅସୁବିଧା ସମ୍ପର୍କରେ ଅବଗତ ହୋଇଥିଲେ। ବିଶେଷ କରି ଦାରିଙ୍ଗବାଡି ଅଞ୍ଚଳରେ ବିଦ୍ୟୁତ୍ ବିଭ୍ରାଟ ଯୋଗୁ ଅନ୍ଧାରରେ ରୋଗୀଙ୍କୁ ଚିକିତ୍ସା କରାଯାଇଥିବା ଅଭିଯୋଗ ହୋଇଛି। ଜେନେରେଟର ଥାଇ ମଧ୍ୟ କୌଣସି କାରଣରୁ ତାକୁ ବ୍ୟବହାର କରାଯାଉ ନ ଥିବା ସହ ୪ଟି ଶୌଚାଳୟକୁ ରୋଗୀଙ୍କ ପାଇଁ ଖୋଲା ଯାଇଥିବା ବେଳେ ୮ ଶୌଚାଳୟରେ ତାଲା ଝୁଲୁଥିବା ସମ୍ପର୍କରେ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଡାକ୍ତର ଜାକେଶ ସାମନ୍ତରାୟଙ୍କୁ ଭେଟି ସମସ୍ୟାର ତୁରନ୍ତ ସମାଧାନ କରାଯିବାକୁ ଦାବି କରିଥିଲେ। ସେହିପରି ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀଙ୍କୁ ଜଳ ଯୋଗାଣ କରାଯାଉ ନ ଥିବାରୁ ଯେଉଁ ସମସ୍ୟା ଦେଖାଯାଉଛି ତା'ର ଶୀଘ୍ର ସମାଧାନ କରାଯିବାକୁ ଦାବି କରାଯାଇଛି। ସ୍ୱାସ୍ଥ୍ୟକେନ୍ଦ୍ରରେ କାର୍ଯ୍ୟରତ ଡାକ୍ତରମାନେ ପାଳି କରି ଡ୍ୟୁଟି କରୁଥିବା ଭାଜପା କର୍ମକର୍ତ୍ତା ଅଭିଯୋଗ କରିଥିଲେ।

# ବିଶ୍ୱ ରକ୍ତଦାତା ଦିବସ ଅବସରରେ ଶୋଭାଯାତ୍ରା


ବାହାରିଥିବା ଶୋଭାଯାତ୍ରା ।

ଜୟପୁର ୧୪।୬ (ପବନ ପାଣିଗ୍ରାହୀ)

ବିଶ୍ୱ ରକ୍ତଦାତା ଦିବସ ଅବସରରେ ଏକ ସଚେତନତା ଶୋଭାଯାତ୍ରା ଜୟପୁର ଜିଲା ମୁଖ୍ୟ ଚିକିତ୍ସାଳୟ ତରଫରୁ ବାହାରିଥିଲା। ଜୟପୁର ରାଜନଅର ଛକଠାରୁ ଏହି ଶୋଭାଯାତ୍ରା ବାହାରି ମୁଖ୍ୟ ଟ୍ରାଫିକ ଛକଦେଇ କୋଭିଡ ହସ୍‌ପିଟାଲ ନିକଟରେ ଶେଷ ହୋଇଥିଲା। ଏହି ଶୋଭାଯାତ୍ରାକୁ ଡାକ୍ତର ଦୁର୍ଗା ପ୍ରସାଦ ପାତ୍ର ସବୁଜ ପତକା ଦେଖାଇ ଉଦ୍‌ଘାଟନ କରିଥିଲେ। ଏହି ସଚେତନତା ଶୋଭାଯାତ୍ରାରେ ଏଏନ୍‌ଏମ୍ ଛାତ୍ରୀ, ଏନ୍‌ସିସି ଛାତ୍ରଙ୍କ ସହ ରକ୍ତଦାତାମାନେ ସାମିଲ ହୋଇଥିଲେ। ରକ୍ତ ଦେଇ ଅନ୍ୟର ଜୀବନ ବଞ୍ଚାଇବା ସ୍ଲୋଗାନ ଦିଆଯାଇଥିଲା। ପରେ ଜୟପୁରସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟରେ ସଚେତନତା ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ଡେପୁଟି କଲେକ୍ଟର ବାବୁଲା ସାମଲ, ଡାକ୍ତର ଏସ.ଏସ୍. ମିଶ୍ର, ଡାକ୍ତର ଅରବିନ୍ଦ ନେପାକ, ଡାକ୍ତର ଦୁର୍ଗା ପ୍ରସାଦ ପାତ୍ର, ହସ୍‌ପିଟାଲ ମ୍ୟାନେଜର ରୂପଶୀ ନାୟକ, ତଥାଗତ ଦାସ,ଏନ୍‌ସିସି ଅଫିସର ଲକ୍ଷ୍ମଣ ପାତ୍ର , ମିହିର କର୍କରା, ସଞ୍ଜୟ ଜୈନ, ନିଶାନ ପଟ୍ଟନାୟକ, ଜିଲା ଚିକିତ୍ସାଳୟର ଉମା ଶଙ୍କର ଆଚାରି, ସପନ ପାଣିଗ୍ରାହୀ ଓ ଅଭୟ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ । ରକ୍ତଦାତାମାନଙ୍କୁ ସମ୍ମାନିତ କରାଯାଇଥିଲା ।

# ପୃଥକ୍ ସଡ଼କ ଦୁର୍ଘଟଣା: ଜଣେ ମୃତ, ୪ ଗୁରୁତର

ଖଇରା, ୧୪।୬(ଉତ୍କଳବନ୍ଧୁ ପଣ୍ଡା)

ଖଇରା ବ୍ଲକ ଅଧୀନ ନହଙ୍ଗ ହାଇସ୍କୁଲ ଓ ଆଦର୍ଶ ବିଦ୍ୟାଳୟ ରାସ୍ତା ମଝିରେ ଅଟୋ-ବାଇକ ଧକ୍କାରେ ଜଣେ ମୃତ୍ୟୁବରଣ କରିଥିବା ବେଳେ ୨ଜଣ ଗୁରୁତର ଆହତ ହୋଇଛନ୍ତି। ଆହତମାନଙ୍କୁ ଚିକିତ୍ସା ପାଇଁ ଭଦ୍ରକ ସ୍ଥାନାନ୍ତର କରାଯାଇଛି। ମୃତକ ହେଲେ ଖଇରା ବ୍ଲକ ବଡଜୟିପୁର ଗ୍ରାମର ଗଜେନ୍ଦ୍ର ବାରିକ(୬୨) ଓ ଆହତଦ୍ୱୟ ହେଲେ ଗଜେନ୍ଦ୍ରଙ୍କୁ ପୁଅ ଶୁଭଙ୍କର ଓ ସହଯୋଗୀ ବିପିନ ପୃଷ୍ଟି । ୩ଜଣ ଏକ ବାଇକରେ ଖଇରାରୁ ଲୁଗା କିଣି ଘରକୁ ଫେରୁଥିବା ବେଳେ ଆଳନ୍ଦା-ନହଙ୍ଗ ରାସ୍ତାର ଆଦର୍ଶ ବିଦ୍ୟାଳୟଠାରୁ ଅଳ୍ପ କିଛି ଦୂରରେ ବିପରୀତ ଦିଗରୁ ଆସୁଥିବା ଏକ ଅଟୋ ଧକ୍କା ଦେବାରୁ ୩ଜଣ ରାସ୍ତା କଡକୁ ଛିଟିକି ପଡିଥିଲେ। ୩ଜଣଙ୍କୁ ପ୍ରଥମେ ଖଇରା ଗୋଷ୍ଠୀ କେନ୍ଦ୍ରକୁ ନିଆଯିବା ପରେ ଗଜେନ୍ଦ୍ରଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଅନ୍ୟ ୨ଜଣଙ୍କୁ ଗୁରୁତର ଅବସ୍ଥାରେ ଭଦ୍ରକ ସ୍ଥାନାନ୍ତର କରାଯାଇଥିଲା। ସେହିଭଳି ଗଣ୍ଡିବେଡ-ଔପଦା ରାସ୍ତାର ବୁଢାଗଡିଆ ଛକ ନିକଟରେ ବାଇକ ଦୁର୍ଘଟଣାରେ ୨ଜଣ ଆହତ ହୋଇଥିବା ବେଳେ ଚିକିତ୍ସା ପାଇଁ ଭଦ୍ରକ ସ୍ଥାନାନ୍ତର କରାଯାଇଛି। ଆହତମାନେ ହେଲେ କଳମଗଡିଆ ଗ୍ରାମର ବିଜୟ ହୋ ଏବଂ ତପନ ହୋ ।

# ମହିଳା ଗିରଫ, ମୁଖ୍ୟ ଅଭିଯୁକ୍ତ ଫେରାର

ଜୟପୁର ୧୪।୬(ପବନ ପାଣିଗ୍ରାହୀ)

ସ୍ୱଷ୍ଟ ଦିବା ଲୋକରେ ସ୍କୁଟି ଭାଙ୍ଗି ୭ ଲକ୍ଷ ଟଙ୍କା ଲୁଟ ମାମଲାର ପର୍ଦ୍ଦାଫାଶ କରିଛି ଜୟପୁର ଟାଉନ ପୋଲିସ। ଏହି ମାମଲାରେ ରାୟଗଡ଼ାର ଜଣେ ମହିଳାକୁ ଗିରଫ କରାଯାଇଛି। ଘଟଣାରେ ସମ୍ପୃକ୍ତ ଆନ୍ଧ୍ର ପ୍ରଦେଶର ବି. ଦେବା (୪୦) ଓ କେ. ଚିହ୍ନା (୨୮) ଫେରାର ଥିବା ଏସଡିପିଓ ଅଙ୍କିତ କୁମାର ବର୍ମା ସୂଚନା


ଜବତ ଟଙ୍କାକୁ ପୋଲିସ ରାହୁଲଙ୍କୁ ଫେରାଉଛି ।

## ସ୍କୁଟି ଡିକି ଭାଙ୍ଗି ୭ ଲକ୍ଷ ଟଙ୍କା ଲୁଟ୍ ଘଟଣା

ଦେଇଛନ୍ତି।

ସୂଚନାନୁଯାୟୀ, ଗତ ୬ ତାରିଖରେ ଜୟପୁର ମାଦଳା ସାହିର ରାହୁଲ ଦେବ ସାମନ୍ତରାୟ ୧୧.୩୦ରେ ଏସ୍‌ବିଆଇ ଶାଖାରୁ ୭ ଲକ୍ଷ ଟଙ୍କା ଉଠାଇ ସ୍କୁଟି ଡିକିରେ ରଖିଥିଲେ। ସେଠାରୁ ଆସି ଦ୍ୱୀତିୟ ଦୈନିକ ବଜାର ନିକଟରେ ଥିବା ସିଂ ମୋବାଇଲ କେୟାରକୁ ଯାଇଥିଲେ। ଏହି ସମୟରେ ଏକ ଡୁପ୍ଲିକେଟ ଚାବିରେ ଡିକି ଖୋଲି ୭ ଲକ୍ଷ ଟଙ୍କା ଲୁଟ୍ କରିଥିଲେ। ଅଭଯୋଗ ପାଇ ପୋଲିସ ତଦନ୍ତ ଆରମ୍ଭ କରିଥିଲା। ସିସି କ୍ୟାମେରା ଫୁଟେଜ ଆଧାରରେ ପୋଲିସ ଯାଞ୍ଚ କରି ଅଭିଯୁକ୍ତମାନଙ୍କ ସମ୍ପର୍କରେ ପ୍ରମାଣ ପାଇଥିଲା। ସିସି କ୍ୟାମେରାର ଫୁଟେଜକୁ ଅନ୍ୟ ଜିଲା ପୋଲିସ ପାଖକୁ ତଦନ୍ତ ପାଇ ପଠାଇଥିଲା । ଅଭିଯୁକ୍ତମାନେ ରାୟଗଡା ଜିଲାରେ ରହୁଥିବା ପୋଲିସ ତଦନ୍ତରେ ଜାଣିବାକୁ ପାଇଲା। ସେଠାରେ ପୋଲିସ ଘର ଉପରେ ଚଢାଉ କରି ୪ ଲକ୍ଷ ୨୦ ହଜାର ଟଙ୍କା ଜବତ କରିଥିଲା। ଉକ୍ତ ମହିଳାଙ୍କ ବୟାନ ଆଧାରରେ ମୁଖ୍ୟ ଅଭିଯୁକ୍ତମାନେ ଆନ୍ଧ୍ରର ବୋଲି ଜଣାପଡ଼ିଛି। ସୁଚନା ଆଧାରରେ ପୋଲିସ ଆନ୍ଧ୍ରରେ ପହଞ୍ଚି ଥିଲା। ପୋଲିସକୁ ଦେଖି ଅନ୍ୟ ୨ ମୁଖ୍ୟ ଅଭଯୁକ୍ତ ଚମ୍ପଟ ମାରିଥିଲେ। ଜବତ ଟଙ୍କାକୁ ରାହୁଲଙ୍କୁ ଫେରାଯାଇଛି। ଏହି ମାମଲାକୁ ଟାଉନ ଥାନା ଏସ୍‌ଆଇ ଏସ୍.କେ ବେହେରା ତଦନ୍ତ କରୁଛନ୍ତି।

# ପାତ୍ରପୁଟ ଜଙ୍ଗଲରେ ଅବକାରୀ ଚଢ଼ାଉ


ଚଢାଉ ବେଳେ ଜବତ ହୋଇଥିବା ମଦ ରନ୍ଧା ସାମଗ୍ରୀ ।

ଜୟପୁର ୧୪।୬(ପବନ ପାଣିଗ୍ରାହୀ)

ଦେଶୀ ମଦ ପ୍ରସ୍ତୁତ ସହ ଲୁଚାଇ ରଖିଥିବା ସୂଚନା ପାଇ ପାତ୍ରପୁଟ ଜଙ୍ଗଲରେ ଅବକାରୀ ଚଢ଼ାଉ ହୋଇଛି । ଜୟପୁର ଅବକାରୀ ଥାନା ପକ୍ଷରୁ ଶୁକ୍ରବାର ଚଢ଼ାଉ କରାଯାଇଥିଲା। ଚଢ଼ାଉ ସୂଚନା ପାଇ ମଦ ମାଫିଆମାନେ ଚମ୍ପଟ ମାରିଥିବା ବେଳେ ଅବକାରୀ ବିଭାଗ ୪ଟି ମଦ ଭାଟି ଭାଙ୍ଗିବା ସହ ୧ ହଜାର ଏକ ଶହ ଲିଟର ପୋଚ ଓ ୬୦ ଲିଟର ଦେଶୀମଦ ଜବତ ପରେ ନଷ୍ଟ କରିଛି । ମଦ ରନ୍ଧା ସରଞ୍ଜାମ ଡ୍ରମ ଆଦିକୁ ଜବତ କରିଥିବା ଜୟପୁର ଅବକାରୀ ଥାନା ଓଆଇସି ନୀଳାଦ୍ରି ବିହାରୀ ମିଶ୍ର ସୂଚନା ଦେଇଛନ୍ତି ।

# ଆଜି ବି ସର୍କସ କଳାକାରଙ୍କ ସ୍ମୃତିରେ ଅଛନ୍ତି ରାଜ୍ କପୁର

କୋରାପୁଟ,୧୪।୬(ଅମିତାଭ ବେହେରା)

ଭାରତୀୟ ସର୍କସ ଦୁନିଆରେ ଚହଳ ପକାଇଥିଲା 'ମେରା ନାମ ଜୋକର' ଚଳଚ୍ଚିତ୍ର । ଚଳଚ୍ଚିତ୍ରରେ ଜୋକର ଭୂମିକାରେ ନିଖୁଣ ଅଭିନୟ କରିଥିବା ଅଭିନେତା ରାଜ କପୁର ଆଜି ବି ସର୍କସ କଳାକାରଙ୍କ ସ୍ମୃତିରେ ରହିଛନ୍ତି। ବହୁବର୍ଷ ପରେ ଜୟପୁର ସହରରେ ଏବେ ପ୍ରଦର୍ଶିତ ହେଉଥିବା ଡାୟମଣ୍ଡ ସର୍କସରେ ଜୋକର ଭାବେ ଅଭିନୟ କରୁଥିବା ମହମ୍ମଦ ଇମାନ


ସର୍କସରେ ଅଭିନୟ କରୁଥିବା ଜୋକର।

ରାଜ କପୁରଙ୍କୁ ମନେ ପକାଇ ଭାବବିହ୍ୱଳ ହୋଇଉଠିଛନ୍ତି । ରାଜ କପୁରଙ୍କ ଅଭିନୟ ତାଙ୍କୁ ପ୍ରଭାବିତ କରିଥିବା ବେଳେ ଏହି କଳାକ୍ଷେତ୍ରରେ ସେ ତାଙ୍କୁ ଗୁରୁତୁଲ୍ୟ ସମ୍ମାନ ଦିଅନ୍ତି ବୋଲି ଜଣାଇଛନ୍ତି। ନିଜର ନିଖୁଣ କଳା କୌଶଳ ମାଧ୍ୟମରେ ପେଣ୍ଡାଲ ସାମନାରେ ବସିଥିବା ଦର୍ଶକଙ୍କୁ ହସାଇବା ଏକ କଳା ବୋଲି ସେ କହିଛନ୍ତି। ଭାରତ ସରକାରଙ୍କ ଦ୍ୱାରା ସର୍କସରେ ଜୀବଜନ୍ତୁଙ୍କ ବ୍ୟବହାର ଉପରେ ନିଷେଧାଦେଶ ଜାରି କରିବା ପରେ ଦେଶର ବହୁ ଖ୍ୟାତି ସମ୍ପନ୍ନ ସର୍କସ ବନ୍ଦ ହୋଇଯାଇଥିବା ବେଳେ ଡାୟମଣ୍ଡ ସର୍କସ ଭଳି ଏକ ଛୋଟ ପାର୍ଟି ଦେଶ ବିଦେଶର ସର୍କସ କଳାକାରଙ୍କୁ ନେଇ ଆଗକୁ ବଢି ଚାଲିଥିବା ସର୍କସର ପରିଚାଳକ ଏମ .ଡି. ସମସାଦ ହର୍ଷ କହିଛନ୍ତି । ପଶୁପକ୍ଷୀଙ୍କ ଅନୁପସ୍ଥିତିରେ ଜିମ୍ନାଷ୍ଟିକସ, ଇକ୍ରୋବେଟିକ୍ସ, ସାଇକେଲ ଖେଳ ପ୍ରଭୃତି କୌଶଳ ପ୍ରଦର୍ଶନ କରି ଦର୍ଶକଙ୍କୁ ମନୋରଞ୍ଜନ ଯୋଗାଉଥିବା କେନିୟାର ଜିମ୍ନାଷ୍ଟ ମାର୍କ ହେରିସନ ଜଣାଇଛନ୍ତି । ଦର୍ଶକଙ୍କ ଉପସ୍ଥିତି ଉତ୍ସାହ ପ୍ରଦାନ କରୁଥିବାବେଳେ ସର୍କସ, ଅପେରା, ମୀନାବଜାର ଭଳି ଚିତ୍ତବିନୋଦନ କରୁଥିବା ବ୍ୟବସ୍ଥା ପାଇଁ ସହରଗୁଡିକରେ ସ୍ୱତନ୍ତ୍ର ସ୍ଥାନ ସଂରକ୍ଷଣ କରା ନ ଗଲେ ଭବିଷ୍ୟତରେ ଏହି ସମସ୍ତ କଳାକ୍ଷେତ୍ର ସମ୍ପର୍କରେ କେବଳ ଇତିହାସ ପୃଷ୍ଠାରେ ପଢିବାକୁ ପାଇବେ ବୋଲି ସମସାଦ ଆଶଙ୍କା ବ୍ୟକ୍ତ କରିଛନ୍ତି । ସର୍କସ ଏକ କର୍ମନିଯୁକ୍ତିର ଉତ୍କୃଷ୍ଟ କ୍ଷେତ୍ର ହୋଇଥିବା ଯୋଗୁଁ ସରକାର ଏହି ପ୍ରଦୂଷଣ ବିହୀନ ଶିଳ୍ପକୁ ପ୍ରୋତ୍ସାହନ ଯୋଗାଇଦେବା ଆବଶ୍ୟକ ବୋଲି ଜୟପୁରର ବରିଷ୍ଠ ସଂସ୍କୃତି ଗବେଷକ ପରେଶ ରଥ ମତ ରଖିଛନ୍ତି ।

# ଚମ୍ପି ଗ୍ରାମରେ ଖୋଲିଲା ଧାନମଣ୍ଡି

ଲକ୍ଷ୍ମୀପୁର,୧୪।୬ (ଅନନ୍ତ ନାୟକ)

କୋରାପୁଟ ଜିଲା ଲକ୍ଷ୍ମୀପୁର ବ୍ଲକ୍ ଚମ୍ପି ଗ୍ରାମରେ ଶୁକ୍ରବାର ଧାନମଣ୍ଡି ଉଦ୍‌ଘାଟିତ ହୋଇଯାଇଛି । କାକିରିଗୁମା ଲ୍ୟାମ୍ପ ସଭାପତି ସାମୁନ୍ଦୁ ସାଉନ୍ତାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଚମ୍ପି ସରପଞ୍ଚ ମିନି ପ୍ରାସ୍କା, ପୂର୍ବତନ ସରପଞ୍ଚ ରୂପଧର ଜାନି, ଆର୍‌ଏମ୍‌ସି ମାର୍କେଟ ଗାର୍ଡ ପ୍ରଫୁଲ୍ଲ ଦେବତା ଏବଂ ସ୍ଥାନୀୟ ଚାଷୀ ଉପସ୍ଥିତ ଥିଲେ। ଚଳିତ ରବି ଫସଲ ନିମନ୍ତେ ଚାଷୀ ନିଜ ନାମ ପଞ୍ଜୀକରଣ କରିଥିବାବେଳେ ଚାଷୀଙ୍କଠାରୁ ୯୯୫ କୁଇଣ୍ଟାଲ ଧାନ କିଣିବା ପାଇଁ ଗୌଦଗୁଡ଼ା ଦୁର୍ଗାମାଧବ ରାଇସ ମିଲ୍‌କୁ ନିର୍ଦ୍ଦେଶ ଦିଆଯାଇଛି। ଚାଷୀ ସରକାରଙ୍କ ଧାର୍ଯ୍ୟ ମୂଲ୍ୟ ଅନୁଯାୟୀ,ଏଫ୍‌ଏକ୍ୟୁ ମାନର ଧାନ କୁଇଣ୍ଟାଲ ପିଛା ୨୧୮୩ ଟଙ୍କା


ଅତିଥି ମଣ୍ଡି ଉଦ୍‌ଘାଟନ କରୁଛନ୍ତି।

ପାଇବେ। ଏହି କାର୍ଯ୍ୟକ୍ରମରେ ଲ୍ୟାମ୍ପ ପରିଚାଳନା ନିର୍ଦ୍ଦେଶକ ସୁରେଶ କୁମାର ନାୟକ, ତପନ ଜମ୍ବେକା, ବୀରେନ ନାୟକ, ଭେଙ୍କଟ ରାଓ, ଜଗନ୍ନାଥ ପ୍ରଧାନୀ, ଧର୍ମେନ୍ଦ୍ର ସାଗର,ରବି ହୁଇକା ପ୍ରମୁଖ ପରିଚାଳନା କରିଥିଲେ ।

